ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK | ପର୍ଯ୍ୟବେକ୍ଷକ
visit us at www.paryabekhyak.com
FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak
Vol.25 . No.213 Bhubaneswar Sunday October 02 2022 | ୨୫ତମ ବର୍ଷ ସଂଖ୍ୟା-୨୧୩ ଭୁବନେଶ୍ୱର, ରବିବାର, ଅକ୍ଟୋବର ୦୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଓଡିଶାରେ ଆରମ୍ଭ ହୋଇନି, କିନ୍ତୁ ରାଷ୍ଟ୍ରପତିଙ୍କ ଗାଁ ଲୋକେ ନେଲେ 5-G ଅନୁଭୂତି





ରାଇରଙ୍ଗପୁର, ୧ ।୧୦(ପି.ଏନ): ଓଡିଶାରେ ଆରମ୍ଭ ହୋଇନାହିଁ ୫-ଏ ସେବା। କିନ୍ତୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗାଁରେ ଅନୁଭୂତ ହୋଇଛି 5-G ସେବା। ଦିଲ୍ଲୀର ପ୍ରଗତି ମୈଦାନରେ ଦେଶରେ 5-G ସେବା ଯୁଗକୁ ଲୋକାର୍ପଣ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୟୂରଭଞ୍ଜ ଜିଲ୍ଲା ପାହାଡପୁର ଗାଁରେ ଥିବା ଏସ୍‌ଏଲ୍‌ଏସ୍ ସ୍ମାରକୀ ଆବାସିକ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କଥା ହୋଇଛନ୍ତି। ଆଜିଠାରୁ ଭାରତରେ ଆରମ୍ଭ ହୋଇଛି 5-G ସେବା। ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇ ପରି ମହାନଗର ସମେତ ଦେଶର ୧୩ଟି ସହରରେ 5-G ସେବା ଉପଲବ୍ଧ ହୋଇଛି। ଆସନ୍ତାବର୍ଷ ଶେଷ ସୁଦ୍ଧା ଏହି ସେବା ଦେଶର ସବୁ ସହର ଓ ଗାଁ ଗାଁରେ ପହଞ୍ଚିବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀ କହିଛନ୍ତି ।ଅନ୍ୟପକ୍ଷରେ ଓଡ଼ିଶାର କୌଣସି ସହର ପ୍ରଥମ ପର୍ଯ୍ୟାୟରେ 5-G ସେବାରେ ସାମିଲ ହୋଇନାହିଁ। ତେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିଜ ଗାଁ ପାହାଡପୁରବାସୀଙ୍କୁ ମିଳିଛି ଏହି ସେବାର ଅନୁଭୂତି। ଦିଲ୍ଲୀରେ ସେବାର ଶୁଭାରମ୍ଭ ସମୟରେ ରାଜ୍ୟର ପ୍ରଥମ ସ୍କୁଲ ଭାବେ ପାହାଡ଼ପୁରର ଏସ୍‌ଏଲ୍‌ଏସ୍ ସ୍ମାରକୀ ଆବାସିକ ସ୍କୁଲର ଛାତ୍ରଛାତ୍ରୀମାନେ ରିଲାଏନ୍ସ ଜିଓର 5-G ନେଟ୍‌ୱର୍କ ଜରିଆରେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ସେଥିପାଇଁ ଜିଓ ପକ୍ଷରୁ ସ୍କୁଲ ପରିସରରେ ଅସ୍ଥାୟୀ ଭାବେ 5-G ଟାୱାର ପ୍ରତିଷ୍ଠା କରାଯାଇଥିଲା। 5-G ସେବାରେ ଉପଲବ୍ଧ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍କୁଲର ଦୁଇ ଜଣ ପିଲାଙ୍କ ସହିତ କଥା ହୋଇଥିଲେ। ପ୍ରଧାନମନ୍ତ୍ରୀ ପିଲାମାନଙ୍କୁ 5-G ସେବା ବିଷୟରେ ପଚ଼ାରି ବୁଝିଥିଲେ ବୋଲି ଜଣାପଡିଛି। 5-G ସେବା ଉପଲବ୍ଧ ହେଲେ ଆଖି ପିଛୁଳାକେ ଡାଉନ୍‌ଲୋଡ୍ ଓ ବିଜୁଳି ବେଗରେ ସର୍ଫିଂ କରିହେବ। 5-G ଟେକ୍ନୋଲୋଜିରେ ମୋବାଇଲ୍ ଇଣ୍ଟରେନେଟ୍ ସ୍ପିଡ୍ 4-G ତୁଳନାରେ ୧୦ ଗୁଣା ଅଧିକ ରହିବ। ଯାହାର ପ୍ରଭାବରେ ମାତ୍ର ୧୦ ସେକେଣ୍ଡରେ ପୂରା ଫିଲ୍ମ ଡାଉନ୍‌ଲୋଡ୍ ହୋଇପାରିବ। ଏହାର ପ୍ରୟୋଗରେ ଶିକ୍ଷା, ସ୍ୱାସ୍ଥ୍ୟ, ନିର୍ମାଣ, ବ୍ୟାଙ୍କିଂ ସବୁ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆସିବ। ଯେମିତି ସ୍ୱାସ୍ଥ୍ୟ କ୍ଷେତ୍ରରେ ଟେଲିମେଡିସିନ ଓ ରୋବଟ୍‌ର ବ୍ୟବହାର ବଢ଼ିବ। ଦୁର୍ଗମ ପାହାଡ଼ି ଅଞ୍ଚଳରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଚ଼ିକିତ୍ସାସେବା ପହଞ୍ଚାଯାଇ ପାରିବ। ହୋଟେଲ୍ ଓ ହସ୍ପିଟାଲିଟି କ୍ଷେତ୍ରରେ ମଧ୍ୟ ରୋବୋଟର ବ୍ୟବହାର ବୃଦ୍ଧି ପାଇବ। ସେହପରି ଗାଁ ଗାଁରେ ହାଇସ୍ପିଡ୍ ଇଣ୍ଟରନେଟ୍ ପହଞ୍ଚିବ। ଯାହାଫଳରେ ଶିକ୍ଷା ବିଶେଷକରି ଅନ୍‌ଲାଇନ୍ ଶିକ୍ଷାରେ ଡେଣା ଲାଗିବ। କୃଷିକ୍ଷେତ୍ରରେ ପ୍ରଭାବୀ ଢଙ୍ଗରେ ଡ୍ରୋନ୍‌ର ବ୍ୟବହାର ସମ୍ଭବ ହେବା ସାଙ୍ଗକୁ ପୂର୍ବାପେକ୍ଷା ନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ ପାଣିପାଗର ସଠିକ ସୂଚ଼ନା ମିଳିପାରିବ। ଭବିଷ୍ୟତରେ ଭାରତରେ ଡ୍ରାଇଭର ଲେସ୍ କାର୍ ଓ ଡ୍ରାଇଭର ଲେସ୍ ମେଟ୍ରୋ ଚ଼ଳାଚ଼ଳ ପାଇଁ ବାଟ ଫିଟାଇବ 5-G ସେବା।

## ଦଶହରା ପାଇଁ କଟକରେ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି : ୫୫ ପ୍ଲାଟୁନ ଫୋର୍ସ ମୁତୟନ ହେବେ

କଟକ/ଭୁବନେଶ୍ୱର, ୧ ।୧୦ (ପି.ଏନ): ଦଶହରା ପାଇଁ କଟକରେ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ସହରରେ ଏଥରେ ୨୮ ଚାନ୍ଦୀ ମେଢ଼ ହେଉଛି । ବିଭିନ୍ନ ସ୍ଥାନରେ ପୋଲିସ ଏଡ ପୋଷ୍ଟ ରହିବ । ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା। ସହରକୁ ୮ ଭାଗରେ ବିଭକ୍ତ କରାଯାଇଛି। ପ୍ରତିଟି ଭାଗରେ ଜଣେ ଲେଖାଏଁ ଅଧିକାରୀ ରହିବେ । ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ମେଢ଼ ପାଖରେ ପୋଲିସ ରହିବେ । ମଦ ବିରୋଧି ଅଭିଯାନ ଚାଲିଛି । ବିଭିନ୍ନ ସ୍ଥାନରେ ଷ୍ଟ୍ରାଇକିଂ ଫୋର୍ସ ମୁତୟନ ରହିବେ। ସେହିପରି ମସଜିଦ, ଗିର୍ଜା ସମ୍ମୁଖରେ ପୋଲିସ କର୍ମୀ ମୁତୟନ ରହିବେ। କ୍ୟୁଏଟି ମଧ୍ୟ ମୁତୟନ ରହିବେ। ରାତି ୧୨ ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଏହି ନିୟମ ଲାଗୁ ରହିବ। ୫୫ ପ୍ଲାଟୁନ ପୋଲିସ ଫୋର୍ସ, ୬ ଜଣ ଅତିରିକ୍ତ ଡିସିପି ରାଙ୍କର , ୫୫ ଜଣ ଇନ୍ସପେକ୍ଟର, ଟ୍ରାଫିକ ପୋଲିସ, ହୋମଗାର୍ଡ ମୁତୟନ ହେବେ। ଆଇନ ଭଙ୍ଗକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି । ସେ କହିଛନ୍ତୁ ଯେ୩୦୦ ରୁ ଉର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲାଗିଛି।

## ଆଗକୁ ମଧ୍ୟ ଜାରି ରହିବ ମାଗଣା ଟିକାକରଣ

ଭୁବନେଶ୍ୱର, ୧ ।୧୦(ପି.ଏନ): ବିନା ମୂଲ୍ୟରେ ଟିକାକରଣ ଅବଧି ଗତକାଲି ଶେଷ ହୋଇଛି। ତେବେ ରାଜ୍ୟରେ ଆଗକୁ ମଧ୍ୟ ମାଗଣାରେ ଟିକାକରଣ ଜାରି ରହିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଗତ ଜୁଲାଇ ୧୫ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ କୋଭିଡ ଟିକାକରଣର ଅମୃତ ମହୋତ୍ସବ ଚାଲିଥିଲା। ଏହି କ୍ରମରେ ୧୮ ରୁ ୫୯ ବୟସର ଲୋକଙ୍କୁ ମାଗଣାରେ ଟୀକା ଦିଆ ହେଉଥିଲା। ଏହି ଅବଧି ମଧ୍ୟରେ ଏକ କୋଟି ୨୧ ଲକ୍ଷ ୫୦ହଜାର ପ୍ରିକସନ ଡୋଜ ଟୀକା ଦିଆ ଯାଇଛି। ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାଗଣା ଟୀକା ଆଗରୁ ଦିଆଯାଉଥିଲା। ସେମାନଙ୍କ ମଧ୍ୟରୁ ୪୫ ପ୍ରତିଶତ ଲୋକ ମଧ୍ୟ ଟୀକା ନେଇ ସାରିଛନ୍ତି। ୩୮ ପ୍ରତିଶତ ଲୋକ ପ୍ରିକସନ ଡୋଜ ନେଇ ସାରିଛନ୍ତି। ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ମାଗଣା ଟିକାକରଣ ବନ୍ଦ ପାଇଁ କୌଣସି ନିର୍ଦ୍ଦେଶ ଆସିନାହିଁ। ତେଣୁ ରାଜ୍ୟରେ ଯେତିକି ଟୀକା ମହଜୁଦ ଅଛି ସେଗୁଡିକ ନସରିବା ଯାଏଁ ମାଗଣା ଟିକାକରଣ ଚାଲୁରହିବ। ସାଢ଼େ ତିନି ଲକ୍ଷ ଟୀକା ରାଜ୍ୟରେ ଏବେ ମହଜୁଦ ଅଛି। ଆଜି କିମ୍ବା କାଲି ଭିତରେ ଆଉ କିଛି ଟୀକା ଆସିବାର ଅଛି। ପ୍ରଥମ ଡୋଜ ୯୭ ପ୍ରତିଶତ ଲୋକ ନେଇଥିବା ବେଳେ ଦ୍ୱିତୀୟ ଡୋଜ ୯୧ ପ୍ରତିଶତ ଲୋକ ନେଇ ସାରିଲେଣି। ପ୍ରିକସନ ଡୋଜ ନେବାରେ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ଅନେକ ଆଗରେ ଅଛି। ଓଡ଼ିଶାରେ ଏକ କୋଟି ୨୧ ଲକ୍ଷ ୫୦ ହଜାର ୨୪୩ ଜଣ ଲୋକ ପ୍ରିକସନ ଡୋଜ ନେଇ ସାରିଛନ୍ତି। ବର୍ତ୍ତମାନ ୧୧୫୦

## ମୁଖ୍ୟମନ୍ତ୍ରୀ ଦେଲେ ନିର୍ଦ୍ଦେଶ : ଖାଦ୍ୟ ସୁରକ୍ଷା ରାଜ୍ୟ ହିତାଧିକାରୀ ଆଉ ତିନି ମାସ ପାଇଁ ଅତିରିକ୍ତ ଚାଉଳ ପାଇବେ

ଭୁବନେଶ୍ୱର, ୧ ।୧୦(ପି.ଏନ): ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀ ମାନଙ୍କୁ ଆଉ ତିନି ମାସ ପାଇଁ ଅତିରିକ୍ତ ୫ କେ.ଜି ଚାଉଳ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ଏହାଦ୍ୱାରା ୨.୯୨ ଲକ୍ଷ ପରିବାରର ୯.୦୫ ଲକ୍ଷ ହିତାଧିକାରୀ ଉପକାର ପାଇବେ । ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ୨୦୨୨, ଏହି ତିନି ମାସ ପାଇଁ ହିତାଧିକାରୀ ମାନେ ଏନଏଫଏସଏ ହିତାଧିକାରୀମାନଙ୍କ ପରି ମୁଣ୍ଡପିଛା ମାସକୁ ୫ କେ.ଜି ଲେଖାଏ ଅତିରିକ୍ତ ଚାଉଳ ମାଗଣାରେ ପାଇପାରିବେ ।

## କାଲିଠୁ ବଢିବ ବର୍ଷା

ଭୁବନେଶ୍ୱର, ୧ ।୧୦(ପି.ଏନ): ପଶ୍ଚିମ-କେନ୍ଦ୍ରୀୟ ତଥା ଆନ୍ଧ୍ର ଉପକୂଳ ସମୁଦ୍ର ମଧ୍ୟରେ ଗତକାଲି ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବର୍ତ୍ତମାନ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଆସନ୍ତାକାଲି ଠାରୁ ବର୍ଷାର ପରିମାଣ ବଢିବ। ବିଶେଷ କରି ୨ ତାରିଖରୁ ୫ ତାରିଖ ମଧ୍ୟରେ ସାରା ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ। ତେଣୁ ଦୁର୍ଗାପୂଜା ମାହୋଲକୁ ବର୍ଷା ଧୋଇନେଇପାରେ। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨ ରୁ ୩ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ ଏବଂ ଢେଙ୍କାନାଳ ଜିଲ୍ଲାର କିଛି ଅଂଚଳରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ବର୍ଷା ହୋଇପାରେ। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଅପହରଣ କରି ଟଙ୍କା ଆଦାୟ କରିବା ଘଟଣାରେ ପୋଲିସର ପର୍ଦ୍ଦାଫାଶ

ଜୟପୁର, ୧ ।୧୦(ପି.ଏନ): କୋରାପୁଟ ଟାଉନ ଥାନା ଅଂଚଳର ଜଣେ ନାବାଳକୁ ଖେଳ ପଡ଼ିଆରୁ ଉଠାଇ ନେଇ ଭିନ୍ନ ଭିନ୍ନ ଜାଗାରେ ରଖି ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ଫଟୋ ଓ ମେସେଜ କରି ନାବାଳକଙ୍କ ମାମୁଁଙ୍କୁ ପ୍ରଥମେ ୬୦ ଲକ୍ଷ ପରେ ୩୦ ଲକ୍ଷ ଟଙ୍କା ମାଗିବା ଘଟଣାରେ ଟାଉନଥାନା ପୋଲିସ ୩ଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ଗୋଟିଏ ମଟର ସାଇକେଲ, ୨ମୋବାଇଲ, ବେଲ୍ଟ ଓ ଟାଓ୍ୱାଲ ଜବତ କରିଛି। ଅଭିଯୁକ୍ତମାନଙ୍କୁ ଆଜି କୋର୍ଟଚାଲାଣ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ କୋରାପୁଟର ଅତିରିକ୍ତ ଏସପି ଉତ୍କଳକେଶରୀ ଦାଶ କହିଛନ୍ତି ।ସୂଚନା ଅନୁଯାୟୀ ପ୍ରଥମେ ଜଣେ ସୁନା ବେପାରୀଙ୍କ ପୁଅକୁ ଅପହରଣ କରିବା ଯୋଜନା ରହିଥିଲା। କିନ୍ତୁ ବେପାରୀଙ୍କ ପୁଅ ନଆସିବାରୁ ରେଳବାଇ କଲୋନୀର ମାଣିକ ଦାଶଙ୍କ ପୁଅକୁ ଖେଳ ପଡ଼ିଆରୁ ଉଠାଇ ନେଇଥିଲେ ଜଣେ ନାବାଳକ ସହ ୨ ଅଭିଯୁକ୍ତ ସୁମିତ କୁମାର ସୁନା ଓ ଅର୍ପିତ ନାୟକ। କୋରାପୁଟ ସହର ନିକଟସ୍ଥ ସୁନାପୁରରେ ଥିବା ଏକ ଖେଳ ପଡ଼ିଆରେ ଅପହୃତ ବାଳକର ସାଙ୍ଗଙ୍କ ସହ ଏକ ବାଇକ ଯୋଗେ ନେଇ ପ୍ରଥମେ କୋରାପୁଟ ଓ ପରେ ଜୟପୁର ସଦର ଅଂଚଳରେ ଲୁଚାଇ ରଖିଥିଲେ। ପରେ ଇନ୍‌ଷ୍ଟାଗ୍ରାମରେ ଅପହୃତ ନାବାଳକର ଫଟୋ ସହ ମେସେଜ କରି ୬୦ ଲକ୍ଷ ଟଙ୍କା ଓ ପରେ ୩୦ ଲକ୍ଷ ମାଗିଥିଲେ। ଫରେନସିକ ଲ୍ୟାବ ଓ ସାଇବର ସେଲର ସହାୟତା ଏବଂ ଅପହୃତଙ୍କ ସାଙ୍ଗମାନଙ୍କୁ ଜେରା ପରେ ଗତକାଲି ରାତିରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। କେସ ନମ୍ବର – ୨୫୪ ଧାରା ୩୬୩, ୩୬୪ଏ, ୩୪.୧୨୦ବି ଓ ୩୪ ଆଇପିସି ଏବଂ ୬୭ସି ଆଇଟିଆକ୍ଟରେ ୨ଜଣଙ୍କୁ କୋର୍ଟଚାଲାଣ ସହ ନାବାଳକୁ ଜୁଭେନାଇଲ କୋର୍ଟକୁ ପଠାଯାଇଥିବା ଅତିରିକ୍ତ ଏସପି ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଥିଲେ।

## ବିକାଶର ବିକଳାଙ୍ଗ ଚ଼ିତ୍ର ! ଖଟିଆରେ ବୁହା ହେଉଛନ୍ତି ଗର୍ଭବତୀ



ମୋହନା, ୧ ।୧୦(ପି.ଏନ): ରାସ୍ତାକୁ ଦେଖିଲେ ଭୟ ଲାଗିଛି ! ବର୍ଷା ଯୋଗୁ ପାହାଡିଆ ଘାଟି ରାସ୍ତାରେ ଭୂ-ସ୍ଖଳନ ହୋଇଛି। ରାସ୍ତା ଧୋଇ ହୋଇଯାଇଛି। ବଡ ବଡ ପଥର ବାହାରିଛି। ସେହି ରାସ୍ତାରେ ଚ଼ାଲି ଚ଼ାଲି ଯିବା କଷ୍ଟକର। ସେପରି ସ୍ଥିତିରେ ସେହି ରାସ୍ତାରେ କେମିତି ଆସିବ ଆମ୍ବୁଲାନ୍ସ ? ପାଦେ ପାଦେ ବିପଦ ଥିବା ସତ୍ତ୍ୱେ ଜଣେ ଗର୍ଭ ଯନ୍ତ୍ରଣାରେ ଜର୍ଜରୀତ ମହିଳାଙ୍କୁ ୫ କିମି ଖଟିଆରେ ବୋହିବାକୁ ବାଧ୍ୟ ହୋଇଥିଲେ ପରିବାର ଲୋକ। ରାଜ୍ୟ ସରକାରଙ୍କ ଏପରି ବିକଳାଙ୍ଗ ଚ଼ିତ୍ର ଆସିଛି ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାରୁ ।ମୋହନା ବ୍ଲକ୍ ? ବିରିକୋଟ ପଞ୍ଚାୟତ ପିଲିକା ଗାଁର ସୁକାନ୍ତ ମଣ୍ଡଳଙ୍କ ପତ୍ନୀ ପ୍ରମିଳା ଆଜି ସକାଳେ ଗର୍ଭ ଯନ୍ତ୍ରଣା ପାଇଥିଲେ। ତାଙ୍କୁ ମେଡିକାଲ୍ ? ନେବା ପାଇଁ ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଫୋନ୍ ? କଲ ପାଇ ଆମ୍ବୁଲାନ୍ସ ଆସିଲା। ହେଲେ ରାସ୍ତା ଖରାପ ଯୋଗୁ ଗାଁକୁ ଯାଇପାରିଲା ନାହିଁ। ପିଲିକା ଗାଁଠାରୁ ୫ କିମି ଦୂରରେ ଅଟକିଲା ଆମ୍ବୁଲାନ୍ସ ।ପରିବାର ଲୋକେ ଆଶା ଦିଦିଙ୍କ ସହାୟତା ଗର୍ଭବତୀଙ୍କୁ ପିଲିକା ଗାଁରୁ ପୁଇପାଣି ଚ଼କ ଯାଏଁ ୫ କିମି ଘାଟି ରାସ୍ତା ଖଟିଆରେ ବୋହି ନେଇଥିଲେ। ଘାଟି ରାସ୍ତାରେ ପାଦେ ପାଦେ ବିପଦ ରହିଛି। ଟିକେ ଅନ୍ୟମନସ୍କ ହେଲେ ଘାଟି ରାସ୍ତାରେ ଗଳି ପଡିବାର ଭୟ ରହିଛି। ଏହା ସତ୍ତ୍ୱେ ଜୀବନକୁ ବାଜି ଲଗାଇ ମହିଳାଙ୍କୁ ଖଟିଆରେ ବୋହି ନେଇଥିଲେ। ପରେ ମହିଳା ବିରିକୋଟ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସୂଚ଼ନାରୁ ପ୍ରକାଶ, ରାଜ୍ୟ ସରକାର ବିକାଶ ବଡବଡ କଥା କହୁଛନ୍ତି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା ଖଞ୍ଜି ଦେଇଥିବା ଶାସକ ଦଳର ନେତାମାନେ କହି ବଲୁଛନ୍ତି। ହେଲେ ସେମାନଙ୍କ ଆଖିରେ କ'ଣ ପଡୁନି ପିଲିକା ଗାଁକୁ ଯାଇଥିବା ରାସ୍ତାର ବିକଳ ଚ଼ିତ୍ର ? ଏ ରାସ୍ତାର ଚ଼ିତ୍ର କେବେ ବଦଳିବ ? କେତେଦିନ ପର୍ଯ୍ୟନ୍ତ ଖଟିଆରେ ବୁହାହେବେ ଗର୍ଭବତୀ ? ନା ସାରା ଜୀବନ ଏମିତି ଯନ୍ତ୍ରଣାଦାୟକ ଜୀବନ ବିତାଇବେ ଗାଁ ଲୋକେ।

## ୩ ବର୍ଷରେ ରାଜ୍ୟରେ ବନ୍ଦ ହୋଇଛି ୧୨୦ ଅଣୁଶିଳ୍ପ !



ଭୁବନେଶ୍ୱର, ୧ ।୧୦(ପି.ଏନ): ଗତ ୩ ବର୍ଷରେ ଓଡିଶାରେ ବନ୍ଦ ହୋଇଛି ୧ କୋଟିରୁ କମ ପୁଂଜିରେ ଚ଼ାଲୁଥିବା ୧୨୦ଟି ଅଣୁ ଶିଳ୍ପ। ତେବେ ଏହି ସମୟରେ ୭,୬୫୦ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରୁ କିଛି ବନ୍ଦ ହୋଇନାହିଁ। ଅଣୁ ଶିଳ୍ପ ବନ୍ଦ କାରଣରୁ ୩ ବର୍ଷରେ ଚ଼ାକିରି ହରାଇଛନ୍ତି ୨୯୧୫ଜଣ। ରାଜ୍ୟରେ ପଂଜୀକୃତ ହୋଇଛନ୍ତି ୧.୯୧ ଲକ୍ଷ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ।କରୋନା ଓ ପୁଂଜି ଅଭାବରୁ ଗତ ତିନି ବର୍ଷରେ ଓଡିଶାରେ କେତେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବନ୍ଦ ହୋଇଛି ? ଲୋକସଭାରୁ ଏ ନେଇ ମିଳିଛି ଉତ୍ତର। ନିକଟରେ ଅର୍ଥାତ୍ ଜୁଲାଇ ୨୧ ତାରିଖରେ ସଂସଦରେ ଉତ୍ତର ଦେଇଛନ୍ତି କେନ୍ଦ୍ର ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଭାନୁପ୍ରତାପ ସିଂହ ବର୍ମା। ଫଉଦ୍ୟମ ରେଜିଷ୍ଟ୍ରେସନ୍' ବା ଉଦ୍‌ଯୋଗ ଆଧାର ରେଜିଷ୍ଟ୍ରେସନ୍ ନମ୍ବରରୁ ଏହା ଜଣାପଡିଛି। ଏହି ତଥ୍ୟ ଅନୁସାରେ ରାଜ୍ୟରେ ଏବେ ୭,୧୦୫ଟି କ୍ଷୁଦ୍ର ଓ ୫୪୫ଟି ମଧ୍ୟମ ଉଦ୍‌ଯୋଗ କାର୍ଯ୍ୟ କରୁଛି। ଅର୍ଥାତ୍ ମୋଟ ୭,୬୫୦ଟି କ୍ଷୁଦ୍ର ଓ ମଧ୍ୟମ ଉଦ୍‌ଯୋଗ କାର୍ଯ୍ୟ କରୁଛି। କରୋନା ବେଳେ ପୁଂଜି ଅଭାବ ଭଳି କିଛି ବଡ ସମସ୍ୟା ଦେଖାଦେଇଥିଲେ ସୁଦ୍ଧା ଏଥିରୁ ଗୋଟିଏ ବି ଶିଳ୍ପ ବନ୍ଦ ହୋଇନାହିଁ ।ଶିଳ୍ପଦ୍‌ଯୋଗୀ ସଂଜୀବ ମହାପାତ୍ର କୁହନ୍ତି- ବ୍ୟାଙ୍କର ସହଯୋଗ ଓ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଭଲ ସ୍ଥିତିରେ ନାହିଁ। ବଡ ଶିଳ୍ପ ସହ ପ୍ରତିଯୋଗିତା କରିବା କଷ୍ଟକର ହୋଇପଡୁଛି ।ସେହିଭଳି ଶିଳ୍ପ ?ଦ୍‌ଯୋଗୀ ତପନ ସ୍ୱାଇଁ କୁହନ୍ତି- ପୂର୍ବ ତୁଳନାରେ ଏମଏମଏମଇରେ ବ୍ୟବସାୟ କରିବା କାଠିକର ପାଠ ହୋଇଛି ।ଗତ ତିନି ବର୍ଷରେ ୧ କୋଟି ଟଙ୍କାରୁ କମ୍ ପୁଂଜିନିବେଶରେ କିମ୍ବା ବର୍ଷକୁ ୫ କୋଟି ଟଙ୍କାରୁ କମ୍ କାରବାର କରୁଥିବା କିଛି ଅଣୁ ବା ସୂକ୍ଷ୍ମ ଶିଳ୍ପ ବନ୍ଦ ହୋଇଯାଇଥିବା ଦେଖାଯାଇଛି ଆଉ କିଛି କର୍ମଚ଼ାରୀ ଚ଼ାକିରି ହରାଇବା ଦେଖାଯାଇଛି। ତିନି ବର୍ଷରେ ୧,୮୩,୯୫୪ ଅଣୁ ଶିଳ୍ପରୁ ୧୨୦ଟି ଅଣୁ ଶିଳ୍ପ ବନ୍ଦ ହୋଇଛି ଓ ୨,୯୧୫ ଜଣ ଚ଼ାକିରି ହରାଇଥିବା ଦେଖାଯାଇଛି। ଅନ୍ୟ ଅର୍ଥରେ କହିଲେ, ପ୍ରତି ୧ ହଜାର ଅଣୁ ଶିଳ୍ପରେ ୬ଟି ବନ୍ଦ ହୋଇଯାଇଛି। ଓଡିଶାରେ ବର୍ତ୍ତମାନ ୧୨୦ଟି ଶିଳ୍ପାଂଚ଼ଳ ରହିଥିବା ବେଳେ ଏଥିରେ ୬,୩୩୩ଟି ଶିଳ୍ପ ସଂସ୍ଥା ଲିଜ ସୂତ୍ରରେ ଜମି ପାଇଛନ୍ତି। ତେବେ ଏମାନଙ୍କ ଭିତରୁ ମାତ୍ର ୩୦୯୦ଟି କାର୍ଯ୍ୟକ୍ଷମ ଅଛି ବୋଲି ଜୁଲାଇ ୨୯ ତାରିଖରେ ଉତ୍ତର ଦେଇଥିଲେ ରାଜ୍ୟ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ। ଅନ୍ୟ ଅର୍ଥରେ କହିଲେ ଏବେ ଶିଳ୍ପାଂଚ଼ଳଗୁଡିକରେ କେବଳ ୪୯% ବା ଅଧା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଚ଼ାଲୁରହିଛି। ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଅଧିକ ଗୁରୁତ୍ୱ ରହିଥିବା ବେଳେ ସରକାର ଅଚ଼ଳ ଶିଳ୍ପକୁ ଚ଼ଳାଇବା ଦିଗରେ ବିଶେଷ ପଦକ୍ଷେପ ନେଉନାହାନ୍ତି ବୋଲି ମତ ପ୍ରକାଶ ପାଉଛି।

## ରାଜ୍ୟରେ ନୂଆ ୧୪୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧ ।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୪୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୪୨୩୬ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୧୪୬ ଆକ୍ରାନ୍ତଙ୍କ ମଧ୍ୟରୁ ୮୬ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୬୦ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୧୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୨୦୯ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୩୬୪୬ ରେ ପହଂଚିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୩୪୩ ରହିଛି। ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୧୪୬ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୧୪, ବରଗଡ଼ ଜିଲ୍ଲାରେ ୩, ଭଦ୍ରକ ଜିଲ୍ଲାରେ ୧, କଟକ ଜିଲ୍ଲାରେ ୧୭, ଦେବଗଡ଼ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୪, ଗଞ୍ଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରେ ୩, ସୁନ୍ଦରଗଡ ଜିଲ୍ଲାରେ ୧୩ ଓ ଷ୍ଟେଟ ପୁଲରେ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ୨୦୨୨ ସେପ୍ଟେମ୍ବର ମାସରେ ୧,୪୭,୬୮୬ କୋଟି ଟଙ୍କାର ସକଳ ଜିଏସଟି ରାଜସ୍ୱ ଆଦାୟ

ନୂଆଦିଲ୍ଲୀ ,୧ ।୧୦(ପି.ଏନ): ସେପ୍ଟେମ୍ବର ୨୦୨୨ ମାସରେ ସକଳ ଜିଏସଟି ସଂଗ୍ରହ ୧,୪୭,୬୮୬ କୋଟି ଟଙ୍କା ଟପିଛି । ଏଥିମଧ୍ୟରୁ ସିଜିଏସଟି ୨୫,୨୭୧ ଏବଂ ଏସଜିଏସଟି ୩୧,୮୧୩ କୋଟି ଟଙ୍କା ରହିଛି । ସେହିପରି ଆଇଜିଏସଟି ୮୦,୪୬୪ କୋଟି ଟଙ୍କା (ବସ୍ତୁ ଆମଦାନୀରୁ ସଂଗୃହିତ ୪୧,୨୧୫ କୋଟି ଟଙ୍କା ସମେତ) ଏବଂ ସେସ ୧୦,୧୩୭ କୋଟି ଟଙ୍କା (ବସ୍ତୁ ଆମଦାନୀରୁ ସଂଗୃହିତ ୮୫୬ କୋଟି ଟଙ୍କା ସମେତ) ରହିଛି ।ସରକାର ସିଜିଏସଟି ବାବଦରେ ୩୧,୮୮୦ କୋଟି ଟଙ୍କା ପରିଶୋଧ କରିବା ସହିତ ଆଇଜିଏସଟିରୁ ନିୟମିତ ପରିଶୋଧ ବାବଦରେ ୨୭ ହଜାର ୪୦୩ କୋଟି ଟଙ୍କା ପରିଶୋଧ କରିଛନ୍ତି । ନିୟମିତ ପରିଶୋଧ ପରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମୋଟ୍ ରାଜସ୍ୱ ପରିମାଣ ସେପ୍ଟେମ୍ବର ୨୦୨୨ରେ ସିଜିଏସଟି ବାବଦରେ ୫୭ ହଜାର ୧୫୧ କୋଟି ଟଙ୍କା ଏବଂ ଏସଜିଏସଟି ବାବଦରେ ୫୯ ହଜାର ୨୧୬ କୋଟି ଟଙ୍କା ରହିଛି ।ଓଡ଼ିଶାରେ ସେପ୍ଟେମ୍ବର ୨୦୨୨ ମାସରେ ୩ ହଜାର ୭୬୫ କୋଟି ଟଙ୍କାର ଜିଏସଟି ରାଜସ୍ୱ ଆଦାୟ ହୋଇଛି । ଗତ ବର୍ଷ ସେପ୍ଟେମ୍ବର ମାସରେ ୩ ହଜାର ୩୨୬ କୋଟି ଟଙ୍କାର ଜିଏସଟି ସଂଗ୍ରହ କରାଯାଇଥିଲା । ଚଳିତ ବର୍ଷ ସେପ୍ଟେମ୍ବର ମାସରେ ରାଜ୍ୟରେ ଜିଏସଟି ସଂଗ୍ରହ ୧୩ ପ୍ରତିଶତ ବୃଦ୍ଧି ପାଇଛି ।ଗତ ବର୍ଷ ସମାନ ମାସ ତୁଳନାରେ ସେପ୍ଟେମ୍ବର ୨୦୨୨ ମାସରେ ଜିଏସଟି ରାଜସ୍ୱ ସଂଗ୍ରହ ୨୬% ବୃଦ୍ଧି ପାଇଛି । ଏହି ମାସ ସମୟରେ ବସ୍ତୁ ଆମଦାନୀରୁ ସଂଗୃହିତ ରାଜସ୍ୱ ପରିମାଣ ୩୯% ଅଧିକ ଥିବା ବେଳେ ଘରୋଇ କାରବାର (ସେବା ଆମଦାନୀ ସମେତ) ରୁ ସଂଗୃହିତ ରାଜସ୍ୱ ପରିମାଣ ଗତ ବର୍ଷ ସମାନ ମାସ ତୁଳନାରେ ୨୨% ଅଧିକ ରହିଛି ।କ୍ରମାଗତ ୭ ମାସ ଧରି ମାସିକ ଜିଏସଟି ରାଜସ୍ୱ ସଂଗ୍ରହ ୧.୪ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ସେପ୍ଟେମ୍ବର ୨୦୨୨ ପର୍ଯ୍ୟନ୍ତ ଜିଏସଟି ରାଜସ୍ୱ ସଂଗ୍ରହ ଗତ ବର୍ଷର ଏହି ଅବଧି ତୁଳନାରେ ୨୭% ଅଧିକ ରହିଛି । ଏହା ଉଚ୍ଚ ରାଜସ୍ୱ ବୃଦ୍ଧିକୁ ଦର୍ଶାଉଛି । ଅଗଷ୍ଟ ୨୦୨୨ରେ ୭.୭ କୋଟି ଇ-ୱେ ବିଲ ସୃଷ୍ଟି କରାଯାଇଥିଲା । ଏହା ଜୁଲାଇ ୨୦୨୨ରେ ଜାରି ହୋଇଥିବା ୭.୫ କୋଟି ଇ-ୱେ ବିଲ ତୁଳନାରେ ଅଧିକ ।ଚଳିତ ମାସରେ ଗୋଟିଏ ଦିନରେ ଦ୍ୱିତୀୟ ସର୍ବାଧିକ ଜିଏସଟି ରାଜସ୍ୱ ସଂଗ୍ରହ କରାଯାଇଥିଲା। ସେପ୍ଟେମ୍ବର ୨୦ ତାରିଖରେ ୪୯ ହଜାର ୪୫୩ କୋଟି ଟଙ୍କାର ଜିଏସଟି ଆଦାୟ ହୋଇଥିଲା ଏବଂ ଦ୍ୱିତୀୟ ସର୍ବାଧିକ ୮.୭୭ ଲକ୍ଷ ଚାଲାଣ ଦାଖଲ କରାଯାଇଥିଲା । ଏଥିପୂର୍ବରୁ ୨୦ ଜୁଲାଇ ୨୦୨୨ରେ ଗୋଟିଏ ଦିନରେ ସର୍ବାଧିକ ୯.୫୮ ଲକ୍ଷ ଚାଲାଣ ଦାଖଲ କରାଯିବା ସହିତ ୫୭ ହଜାର ୮୪୬ କୋଟି ଟଙ୍କାର ଜିଏସଟି ଆଦାୟ ହୋଇଥିଲା । ଏହି ତଥ୍ୟ ଦର୍ଶାଉଛି ଯେ ଜିଏସଟିଏନ ଦ୍ୱାରା ପରିଚାଳିତ ଜିଏସଟି ପୋର୍ଟାଲ ସମ୍ପୂର୍ଣ୍ଣ ଭାବେ ସ୍ଥିର ଏବଂ ଏବଂ ବାଧାମୁକ୍ତ ପ୍ରଦର୍ଶନ କରୁଛି । ସେପ୍ଟେମ୍ବର ମାସରେ ଆଉ ଏକ ଉପଲବ୍ଧି ହାସଲ କରାଯାଇଛି । ୩୦ ସେପ୍ଟେମ୍ବର ୨୦୨୨ ଦିନ ଜିଏସଟି ପୋର୍ଟାଲରେ ୧.୧ କୋଟି ଇ-ୱେ ବିଲ ଏବଂ ଇନଭଏସ (୭୨.୯୪ ଇ-ଇନଭଏସ ଏବଂ ୩୭.୭୪ ଲକ୍ଷ ଇ-ୱେ ବିଲ) ଜାରି ହୋଇଛି ।

## କୋଟିଏ ଟଙ୍କାର ବ୍ରାଉନସୁଗର ଜବତ, ଜଣେ ଗିରଫ



ଭୁବନେଶ୍ୱର ,୧ ।୧୦(ପି.ଏନ): ଖୋର୍ଦ୍ଧା ଟାଉନ୍ ଥାନା ଅନ୍ତର୍ଗତ ହାବେଳିପଡିଆରୁ କ୍ରାଇମବ୍ରାଞ୍ଚ ଏସ୍ ?ଟିଏଫ୍ ପ୍ରାୟ କୋଟିଏ ଟଙ୍କାର ବ୍ରାଉନସୁଗର ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାଁ ସିଦ୍ଧାର୍ଥ ନାୟକ ଓରଫ ସିଦ୍ଧୁ (୨୩)। ତାଙ୍କ ଘର ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ କମନବର ହରିଜନ ସାହି ଅଞ୍ଚଳରେ ।କୌଣସି ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଗତକାଲି ହାବେଳିପଡିଆରେ ଚ଼ଢ଼ାଉ କରିଥିଲା। ଚ଼ ?ାଉବେଳେ ସିଦ୍ଧାର୍ଥଙ୍କ ଠାରୁ ୧କେଜି ୧୫୦ ଗ୍ରାମର ବ୍ରାଉନସୁଗର ଜବତ କରିଥିଲା। ଏହା ସହିତ ଏକ ଦାମୀ ବାଇକ୍ ଓ ଅନ୍ୟ କିଛି ସାମଗ୍ରୀ ଜବତ କରିଛି ଏସ୍‌ଟିଏଫ୍। ଏସ୍‌ଟିଏଫ୍ ପକ୍ଷରୁ ଏହି ମାମଲାର ଅଧିକ ତଦନ୍ତ କରାଯାଉଛି ।ତିନି-ଚ଼ାରି ଦିନ ତଳେ ଭୁବନେଶ୍ୱରର ଏୟାରଫିଲ୍ଡ ଥାନା ଅଞ୍ଚଳରୁ କମିଶନରେଟ୍ ପୁଲିସ୍ ସହାୟତାରେ ଏସ୍‌ଟିଏଫ ଉମେଶ ବେହେରା ନାମକ ଜଣେ ଯୁବକଙ୍କୁ ଗିରଫ କରିବା ସହିତ କୋଟିଏରୁ ଅଧିକ ଟଙ୍କାର ବ୍ରାଉନସୁଗର ଜବତ କରିଥିଲା ।୨୦୨୦ ମସିହାରୁ ଏସ୍‌ଟିଏଫ୍ ପକ୍ଷରୁ ଏଭଳି ଅଭିଯାନ ଜାରି ରହିଛି। ଏସ୍‌ଟିଏଫ୍ ଏଯାବତ୍ ୫୯ କେଜି ବ୍ରାଉନସୁଗର/ହେରୋଇନ, ୨୦୨ ଗ୍ରାମ କୋକେନ, ୧୧୧ କ୍ୱିଣ୍ଟାଲ ଗଞ୍ଜେଇ ଓ ୭୫୦ ଗ୍ରାମ ଅଫିମ ଜବତ କରିଛି । ଏହା ସହିତ ଏସବୁ ମାମଲାରେ ୧୬୦ ଜଣଙ୍କୁ ଗିରଫ କରାଯାଇଛି।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କିନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




# "ଉତ୍ର" ତରଫରୁ ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀରେ ନୂତନ ବସ୍ତ୍ର ବଂଟନ



ଭୁବନେଶ୍ୱର (ପିଏନ୍): ଓଡ଼ିଆ ସିନେ ଜଗତର ବର୍ଷିଆନ ଲୋକପ୍ରିୟ ଅଭିନେତ୍ରୀ ସ୍ୱର୍ଗତାଃ ଅନିତା ଦାସଙ୍କ ଜନ୍ମଦିନ ଅକ୍ଟୋବର ୧ । ସେହି ଦିନକୁ ମନେରଖିବା ପାଇଁ ଆଜି "ଉତ୍ର ଚାରିଟେବୁଲ୍ ଟ୍ରଷ୍ଟ"ର ପରାମର୍ଶଦାତା ତଥା "ମୋ କଲେଜ" ଅଧ୍ୟକ୍ଷ (ଓଡ଼ିଶା ସରକାର) ଆକାଶ ଦାସନାୟକଙ୍କ ନେତୃତ୍ୱରେ "ଉତ୍ର" ତରଫରୁ ଭୁବନେଶ୍ୱର ମହାନଗର ନିଗମ, ୱାର୍ଡ ନଂ-୮ (ଚନ୍ଦ୍ରଶେଖରପୁର) ସ୍ଥିତ ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀ "ଜାତୀୟ ସହରାଂଚଳ ଜୀବିକା ମିଶନ୍"ର ସମସ୍ତ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା । ଆଶ୍ରୟସ୍ଥଳୀର ଅନ୍ତେବାସୀଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ "ଉତ୍ର ଚାରିଟେବୁଲ ଟ୍ରଷ୍ଟ"ର ଏହା ଥିଲା ଏକ ନିଆରା ପ୍ରୟାସ । ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀର ଅନ୍ତେବାସୀମାନେ ସ୍ୱର୍ଗତାଃ ଅନିତା ଦାସଙ୍କ ଜନ୍ମଦିନକୁ ମନେ ପକାଇବା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନପୂର୍ବକ ସ୍ମୃତିଚାରଣ କରିଥିଲେ । ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀର ଅନ୍ତେବାସୀମାନେ ସ୍ୱର୍ଗତାଃ ଦାସଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ବସ୍ତ୍ର ବଂଟନ କାର୍ଯ୍ୟକ୍ରମରେ "ଉତ୍ର ଚାରିଟେବୁଲ ଟ୍ରଷ୍ଟ"ର ପରାମର୍ଶଦାତା ଆକାଶ ଦାସନାୟକ, ସଂପାଦିକା ଶୁଭ୍ରାଜ୍ୟୋତି ଦାସନାୟକ, ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ଶୁଭଶ୍ରୀ ମଙ୍ଗରାଜ, ବୈଷ୍ଣବ ଚରଣ ଭୋଳ, ଦେବୀପ୍ରସାଦ ମଙ୍ଗରାଜ, ସତ୍ୟ ସୁମନ, ଅସିତ୍ ସାହୁ, କିଶୋର ଦାସ, ଭାଗ୍ୟଧର ସାମଲ, ସଂଘମିତ୍ରା ପ୍ରମୂଖ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ ।

# ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଏକ ଯୁଗର ଅବସାନ ହେଲା



ଭୁବନେଶ୍ୱର (ପିଏନ୍)- ପୂର୍ବତନ ସାଂସଦ ତଥା ସର୍ବପ୍ରଥମ ଜାତୀୟ ମହିଳା କମିଶନର ଅଧ୍ୟକ୍ଷ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଆଉ ନାହାନ୍ତି । ତାଙ୍କ ମରଶରୀର କଂଗ୍ରେସ ଭବନକୁ ଅଣାଯାଇଥିଲା । ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ତାଙ୍କ ମରଶରୀରରେ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ । କଂଗ୍ରେସ ନେତୃବୃନ୍ଦଙ୍କ ସମେତ ସିପିଏମର ରାଜ୍ୟ ନେତୃବୃନ୍ଦ ଶ୍ରୀ ଅଲିକେଶ୍ୱର ପଟ୍ଟନାୟକ, ସୁରେଶ ପାଣିଗ୍ରାହି ମଧ୍ୟ ଉପସ୍ଥିତ ରହି ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ । ଏଥିପରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା ଓ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଭାପତି ଶରତ ପଟ୍ଟନାୟକ ଶୋକପ୍ରସ୍ତାବ ଆଗତ କରିଥିଲେ ଓ ପ୍ରାକ୍ତନ ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ ଏହି ଶୋକପ୍ରସ୍ତାବକୁ ସମର୍ଥନ କରି ଜୟନ୍ତୀ ପଟ୍ଟନାୟକ ଓଡ଼ିଶାର ଜଣେ ପ୍ରତିଷ୍ଠିତ ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ଆସି ଏକ ରାଜନୈତିକ ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଜୀବନ ଯାତ୍ରାରେ ସହଯୋଗ ଦେବା ବିଷୟରେ ବର୍ଣ୍ଣନା କରିଥିଲେ । ଜଣେ ସୁଲେଖିକା ଏବଂ ସାମ୍ବାଦିକ ଭାବରେ ତାଙ୍କର ଖ୍ୟାତି ସଂପର୍କରେ ସୂଚନା ଦେଇଥିଲେ । ସେ ସର୍ବଭାରତୀୟ ସ୍ତରରେ ନାରୀ ଜାଗରଣ, ନାରୀ ଅଧିକାରର ଜଣେ ବଳିଷ୍ଠ ପ୍ରହରୀ ଭାବେ କାର୍ଯ୍ୟକରିଥିବା ବର୍ଣ୍ଣନା କରିଥିଲେ । ତାଙ୍କର ଜୀବନକାଳ କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତ ବର୍ଷରେ ନାରୀ ସଶକ୍ତିକରଣର ଏକ ଉଜ୍ଜ୍ୱଳିତ ଅଧ୍ୟାୟ । ଏହି ସଭାରେ ଅନ୍ୟାନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ନିରଂଜନ ପଟ୍ଟନାୟକ, ପଂଚାନନ କାନୁନଗୋ, ଅନନ୍ତ ପ୍ରସାଦ ସେଠୀ, ଜଗନ୍ନାଥ ପଟ୍ଟନାୟକ, ଗଣେଶ୍ୱର ବେହେରା, ବିଜୟଲକ୍ଷ୍ମୀ ସାହୁ, ଯୁଧିଷ୍ଠିର ଜେନା, ଶରତ ରାଉତ, ଚିନ୍ତାମଣି ଧ୍ୟାନ ସାମନ୍ତରାୟ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ସୁରେଶ କୁମାର ମହାପାତ୍ର, ଦେବାଶିଷ ପଟ୍ଟନାୟକ କିଶୋର ଜେନା, ବିଭୂତି ମିଶ୍ର, ସୁତିରଂଜନ ଲେଙ୍କା, ବନ୍ଦିତା ପରିଡ଼ା, ନକୁଳ ନାୟକ, ଅମୀୟ କୁମାର ପଟ୍ଟନାୟକ, ମନୋରଞ୍ଜନ ଦାଶ, ଜୟନ୍ତ ମହାନ୍ତି, ବିଶ୍ୱଜ୍ଞ ମହାପାତ୍ର, ବିଶ୍ୱଜିତ ଦାଶ, ମାନସ ଚୌଧୁରୀ, ବାଙ୍କନିଧି ବେହେରା, ଅଶୋକ ଦାସ, ସୁଶାନ୍ତ ତ୍ରିପାଠୀ, ଲିଙ୍ଗରାଜ ସାହୁ, ରଜନୀ ମହାନ୍ତି, ଜ୍ଞାନ ପଟ୍ଟନାୟକ, ରସିକ ପଟ୍ଟନାୟକ, ସମ୍ଭୁ ପାଣିଗ୍ରାହୀ, ସନ୍ଧ୍ୟା ମହାପାତ୍ର, ସ୍ୱାଧୀନବାଳା ଦାସ, ପ୍ରଣତି ମିଶ୍ର, ଶ୍ରୀୟସ୍ମିତା ପଣ୍ଡା, ପୁଷ୍ପିତା ଦାଶ, କୁସୁମ ପ୍ରଧାନ, ସତ୍ୟବ୍ରତ ନାୟକ, ସୁବ୍ରତ ମହାପାତ୍ର, ସତ୍ୟଜିତ୍ ମହାଁ, ଗିରିବାଳା ବେହେରା, ଅଭିଷେକ ରାଉତ, ମଧୁସ୍ମିତା ପଣ୍ଡା, ମଧୁମିତା ଆଚାର୍ଯ୍ୟ, ପ୍ରକାଶ ମିଶ୍ର, ମହମ୍ମଦ ସାହାବୁଦ୍ଦିନ, ସଂଜୁକ୍ତା କହଁର, ଭାସ୍କର ସେଠୀ, ଦୀପକ ସାହୁ, ଜୟକୃଷ୍ଣ ସୁବୁଦ୍ଧି, ତରୁଣ ମିଶ୍ର, ଦେବେନ୍ଦ୍ର ପ୍ରସାଦ ଦାସ, ମିହିର ଆଚାର୍ଯ୍ୟ, ଗୀତାଳି ମହାଁ, ଶୈଳେନ୍ଦୁ ମଜୁମଦାର, ଦୀପକ ମହାପାତ୍ର, କୁଳମଣି ସାହୁ, ଜନ୍ମେଶ୍ୱର ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ତୁଷାରକା' ବେହେରା, ତାପସ ସେଠୀ, ମୀନକେତନ ବେହେରା, ନିରୋଜ ଲୋଚନ ଦାସ, ନଳିନୀକାନ୍ତ ନାୟକ, ସୁବାଷ ପ୍ରଧାନ, ପ୍ରଭାତ ପ୍ରତାପ ସିଂ, ଆତ୍ମାରାମ ପତି, ଉମେଶ ଚନ୍ଦ୍ର ଦାସ, ରାଜକିଶୋର ଦାଶ, ଗୋକୁଳାନନ୍ଦ ମହାପାତ୍ର ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକ

ରାଉରକେଲା (ପିଏନ୍): କଂଗ୍ରେସର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ସାଂସଦ ସ୍ୱର୍ଗୀୟା ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଗତ ତା-୨୯.୯.୨୨ରିଖରେ ଜିଲ୍ଲା କଂଗ୍ରେସ ତରଫରୁ ସ୍ଥାନୀୟ କଂଗ୍ରେସ ଭବନ ଠାରେ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏହି ଶୋକସଭାରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସ୍ୱର୍ଗୀୟା ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରି ଶ୍ରଦ୍ଧାଳି ଅର୍ପଣ କରିଥିଲେ । ସ୍ୱର୍ଗୀୟ ପଟ୍ଟନାୟକ ଗାମ ଜିଲ୍ଲାର ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ଜନ୍ମ ଗ୍ରହଣ କରି ପରବର୍ତ୍ତୀ କାଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗୀୟ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହଧର୍ମିଣୀ ହେଲା ପରେ ରାଜ୍ୟ କଂଗ୍ରେସ ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବାରମ୍ବାର ସାଂସଦ ଭାବେ ନିର୍ବାଚିତ ହେବା ସହିତ ଜାତୀୟ ମହିଳା କମିଶନର ସେ ପ୍ରଥମ ଅଧ୍ୟକ୍ଷା ଭାବେ ନିଯୁକ୍ତି ପାଇ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ଜାତୀୟ ମହିଳା କଂଗ୍ରେସର ମଧ୍ୟ ସଭାନେତ୍ରୀ ଦାୟିତ୍ୱ ବେଶ୍ ସଫଳତାର ସହ ନିର୍ବାହ କରିଥିଲେ । ରାଜନୀତି ବ୍ୟତୀତ ସାହିତ୍ୟ, ସମାଜସେବାରେ ମଧ୍ୟ ସ୍ୱର୍ଗୀୟା ପଟ୍ଟନାୟକଙ୍କର ବିଶେଷ ଦଖଲ ଥିଲା ବୋଲି ବକ୍ତାମାନେ ପ୍ରକାଶ କରି ତାଙ୍କ ବିୟୋଗ କଂଗ୍ରେସ ଦଳ ସମେତ ସମଗ୍ର ଓଡିଶା ପାଇଁ ଏକ ବିଶେଷ କ୍ଷତି ବୋଲି କହିଥିଲେ । ସ୍ୱର୍ଗୀୟା ପଟ୍ଟନାୟକ ତାଙ୍କ ରାଜନୈତିକ ଜୀବନ କାଳରେ ଯୁବ ଓ ଛାତ୍ରମାନଙ୍କୁ ଯେଉଁଭଳି ସ୍ନେହ ଆଦର ଦେଇ ଆଗକୁ ବଢ଼ିବାର ସାହସ ଯୋଗାଉଥିଲେ ତାହା ବହୁ କମ୍ ରାଜନେତାଙ୍କ ନିକଟରେ ଦେଖିବାକୁ ମିଳେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ତେଣୁ ତାଙ୍କର ନୀତି ଓ ଆଦର୍ଶ ରାଜ୍ୟକୁ ଆଗେଇ ନେବା ସହିତ ମହିଳାଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ସେଥିରେ ଅନୁପ୍ରାଣୀତ ହୋଇ ଆମେ ସମସ୍ତେ କାର୍ଯ୍ୟ କଲେ ତାହା ତାଙ୍କ ପ୍ରତି ସବୁଠାରୁ ବଡ ଶ୍ରଦ୍ଧାଳି ହେବ ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ ଉପସ୍ଥିତ ନେତୃବୃନ୍ଦ ସ୍ୱର୍ଗୀୟା ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦିକା ତୁଳସୀ ନାଗ, ରାଜ୍ୟ ମହିଳା ସମ୍ପାଦିକା ଲତା ନାୟକ, ବ୍ଲକ୍ ସଭାପତି ବିଜୟ ଆପଟ, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ ପ୍ରମୁଖ ମଧ୍ୟ ଉପସ୍ଥିତ ରହି ସ୍ୱର୍ଗୀୟା ପଟ୍ଟନାୟକଙ୍କୁ ଶ୍ରଦ୍ଧାଳି ଅର୍ପଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଉପାସ୍ୟଙ୍କ ପୂଣ୍ୟବ୍ରତ ବନାମ ଶାନ୍ତିର ପୁରୋହିତ

ବିପିନବିହାରୀ ମହାନ୍ତି

**ଗାନ୍ଧିଜୀ: ଉପାସ୍ୟଙ୍କ ପୂଣ୍ୟବ୍ରତ-**

ଗାନ୍ଧିଜୀ, ଜାତିର ପିତା, ସବୁରି ତୁଣ୍ଡରେ 'ବାପୁ' ଯାହାଙ୍କର ଭାରତର ସ୍ୱାଧୀନତା ସଂଗ୍ରାମକୁ ନେତୃତ୍ୱ ଦେବାରେ ତଥା ବିନା ରକ୍ତପାତରେ ସ୍ୱାଧୀନତା ଆଣିବାରେ ପଟ୍ଟାନ୍ତର ନାହିଁ, ଯିଏ ନିଜ ପାଇଁ ରଚି ଯାଇଛନ୍ତି ଇତିହାସ ଏବଂ ନିଜେ ଜଣେ ଦେଶ ଓ ବିଶ୍ୱ ପାଇଁ କିମ୍ବଦନ୍ତୀ ପୁରୁଷ, ସିଏ ୨ ଅକ୍ଟୋବର ୧୮୬୯ ମସିହାରେ ଗୁଜୁରାଟର ପୋର ବନ୍ଦର ଠାରେ ଜନ୍ମ ହୋଇଥିଲେ। ତାଙ୍କର



ପିତାଙ୍କ ନାମ କରମଚାନ୍ଦ ଗାନ୍ଧୀ ଏବଂ ମାତାଙ୍କ ନାମ ପୁତୁଲୀ ବାଇ ଏବଂ ତାଙ୍କ ନିଜର ପୂରାନାମ ମୋହନ ଦାସ କମରଚାନ୍ଦ ଗାନ୍ଧୀ; କିନ୍ତୁ ତାଙ୍କର ବିଶ୍ୱବ୍ୟାପି କାର୍ଯ୍ୟ କୁଶଳତା ତଥା ବ୍ୟକ୍ତିତ୍ୱ ପାଇଁ ସାର୍ବଜନୀନ ଏବଂ ସାଧାରଣ ଭାବରେ "ମହାତ୍ମାଗାନ୍ଧି" ଭାବେ ବିଶ୍ୱରେ ସମ୍ବୋଧିତ ଓ ପରିଚିତ ହୋଇଛନ୍ତି।

'ଗାନ୍ଧିଜୀଙ୍କର ଅହିଂସା' ଏବଂ 'ସତ୍ୟ'ର ଦର୍ଶନତତ୍ତ୍ୱ ଉପରେ ଗଭୀର ବିଶ୍ୱାସ ଥିଲା। ସେହି ଦୁଇଟିକୁ ଆଧାର କରି ଯେଉଁ ଆନ୍ଦୋଳନ ସେ ଭାରତର ସ୍ୱାଧୀନତା କ୍ଷେତ୍ରରେ ଚଳାଇଥିଲେ, ତାକୁ ସତ୍ୟାଗ୍ରହ କୁହାଯାଏ। ତାଙ୍କ ବିଶ୍ୱାସରେ ସତ୍ୟ ଏବଂ ଅହିଂସା ଏକମାତ୍ର ବିଶ୍ୱଶାନ୍ତିର ଆଧାର। ସତ୍ୟ ଓ ଅହିଂସା ତାଙ୍କ ମତରେ କହିବା ସହଜ ହୋଇପାରେ; କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଏହାକୁ ପ୍ରୟୋଗ କରିବା ବହୁତ କଠିନ। ଏଥିପାଇଁ ଅସୀମ ଧୈର୍ଯ୍ୟ ଦରକାର ଏବଂ ଶେଷରେ ସତ୍ୟ ଓ ଅହିଂସାର ହିଁ ଜୟ ହୋଇଥାଏ। ଏହା ସମସ୍ତ ଶକ୍ତିଶାଳୀ ଅସ୍ତ୍ରମାନଙ୍କ ମଧ୍ୟରେ ମହାଶକ୍ତିଶାଳୀ। ବିଶ୍ୱର ମଙ୍ଗଳାର୍ଥେ ଏହା ହିଁ ଏକ ନୂତନ ଆବିଷ୍କାରର ପବିତ୍ର ଶାନ୍ତିର ଅସ୍ତ୍ର। ଏଣୁ ଯିଶୁଙ୍କ ପରି ଶାନ୍ତିର ବାର୍ତ୍ତା ଧରି ସେ ପଦାର୍ପଣ କରିଥିଲେ ଏହି ଭାରତ ଭୂଖଣ୍ଡରେ ଏବଂ ବିଶ୍ୱଶାନ୍ତି ପାଇଁ ଯୀଶୁ କ୍ରୁଶବିଦ୍ଧ ହୋଇ ପ୍ରାଣବଳି ଦେଲାପରି ସେ ମଧ୍ୟ ଆତତାୟୀର ଗୁଳିଚୋଟରେ ଚିରଶାନ୍ତି ଲଭିଲେ। ଏକଦା ସେ କହିଥିଲେ: ଏମିତି ଜଣେ ପବିତ୍ର ବ୍ୟକ୍ତିତ୍ୱ କେହି ନାହିଁ ଯିଏ ନିଜ ଜୀବନର ମୂଲ୍ୟବାନ ସଂପଦ-ଜୀବନକୁ ଦେବାରେ କୁଣ୍ଠାବୋଧ କରେନାହିଁ। ମୋର ବିଶ୍ୱାସ ଏବଂ ପ୍ରାର୍ଥନା ଯେ ମୋ ପାଖରେ ସେ ପବିତ୍ରତାକୁ ପ୍ରମାଣ କରିବାରେ ଅବସାଦ ବି ନାହିଁ । (No man if he is pure has anything and precious to give than his life. I hope and pray that I have the purity in me to justify the step). ସେ ଏକଥା ମଧ୍ୟ ଜୀବନରେ ପ୍ରମାଣ କରାଇଦେଲେ।

ମହତ୍ମା ଗାନ୍ଧିଜୀଙ୍କର ବ୍ୟକ୍ତିତ୍ୱ ସଂପର୍କରେ ଆଲୋକପାତ କରିବା ଏକ ବଡ କଠିନ ବ୍ୟାପାର। ଏଇଟା ଯେମିତି ଗୋଟାଏ ପୃଥିବୀକୁ ହାତ ପାପୁଲିରେ ଧରିବା ସଦୃଶ ହେବ। ତେବେ ସଂକ୍ଷେପରେ ଏତିକିରେ କୁହାଯାଇପାରେ ସେ ଜଣେ ସଂପୂର୍ଣ୍ଣ ପବିତ୍ର ବ୍ୟକ୍ତିତ୍ୱ ଯାହାର ଜୀବନ ଭବିଷ୍ୟତ ବିଶ୍ୱ ପାଇଁ ଏକ ବାର୍ତ୍ତା, ଯାହାର ଚିନ୍ତାଧାରା ଆମ ପାଇଁ ମହାନଶିକ୍ଷା, ଯାହାର ଆଦର୍ଶ ଅପ୍ରତିଦ୍ୱନ୍ଦୀ ଓ ଅଦ୍ୱିତୀୟ ନାୟକତ୍ୱର ଊର୍ଦ୍ଧ୍ୱରେ, ଯାହାର କାର୍ଯ୍ୟାବଳୀ ସର୍ବଦା ଅବିସ୍ମରଣୀୟ, ଯାହାର ସାହସିକତା ଓ ଦେଶପ୍ରେମ ସର୍ବୋପରି ସର୍ବୋପମ। ପୃଥିବୀରେ ଶୃଙ୍ଖଳ, ଦୁର୍ବଳ, ଚିର ଦଳିତ ଏବଂ ଅବହେଳିତ ବ୍ୟକ୍ତିଙ୍କର ମୁକ୍ତି ଓ ଶାନ୍ତି ପାଇଁ, ସେ ନିଜେ ଜୀବନରେ କାର୍ଯ୍ୟତଃ ପ୍ରମାଣିତ କରି ଯାଇଛନ୍ତି। ସେ ଜଣେ ମୁକ୍ତିମଶାଲଧାରୀ ଶାନ୍ତିର ପୁରୋହିତ।

ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ସ୍ମୃତିଚାରଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ୨ ଅକ୍ଟୋବରକୁ ଭାରତରେ ଛୁଟିଦିବସ ରୂପେ ପାଳିତହୁଏ। ଏହି ଦିନ ନାନା ଭାଷଣ, ପ୍ରତିଯୋଗିତା, ଦୂରଦର୍ଶନ, ଆକାଶବାଣୀ ତଥା କଳାକାର ଏବଂ ବାଲୁକାଶିଳ୍ପୀମାନଙ୍କ ଦ୍ୱାରା ସେମାନଙ୍କର ସୌନ୍ଦର୍ଯ୍ୟବୋଧ ସୃଷ୍ଟିମାନଙ୍କ ମାଧ୍ୟମରେ ଗାନ୍ଧି ବାର୍ତ୍ତା ଓ କାର୍ଯ୍ୟ ପ୍ରତିଫଳନ କରାଯାଏ।

ଗାନ୍ଧି ଜୟନ୍ତୀ ୨ ଅକ୍ଟୋବରକୁ ଆନ୍ତର୍ଜାତିକ ସ୍ତରରେ "ଅହିଂସା" (Non-Violence) ଦିବସ ରୂପେ ପାଳିତ ହୁଏ। ଗାନ୍ଧିଙ୍କ ପ୍ରତି ବିଶ୍ୱବାସୀଙ୍କର ଏହା ହିଁ ଭକ୍ତି ଓ ଶ୍ରଦ୍ଧାର ଉପହାର।

**ଆମ ଶାସ୍ତ୍ରୀଜୀ: ଶାନ୍ତିର କପୋତ-**

୨ ଅକ୍ଟୋବରକୁ ଗାନ୍ଧିଜୟନ୍ତୀ ହିସାବରେ ଉଭୟ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ପାଳନ କରାଯାଏ। କିନ୍ତୁ ଏଇ ଭାରତରେ ଆଉ ଜଣେ ମହାନ ବ୍ୟକ୍ତିତ୍ୱ ଅଛନ୍ତି ଯାହାଙ୍କ ଜନ୍ମତିଥି ମଧ୍ୟ ଏହି ଦିନ ପାଳିତ ହୁଏ। ସେ ହେଉଛନ୍ତି ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ, ସଂକ୍ଷେପରେ ଶାସ୍ତ୍ରୀଜୀ ଯିଏକି ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଥିଲେ। ସେ ଜଣେ ମଧ୍ୟ ସ୍ୱାଧୀନତା ସଂଗ୍ରାମୀ ଯିଏ କି ଦେଶର ମୁକ୍ତି ସଂଗ୍ରାମରେ ଝାସ ଦେଇ ନିଜ ପାରିବାରିକ ଜୀବନ ପ୍ରତି ଆଖି ବୁଝି ଦେଇଥିଲେ। ସେ ଭାରତର ଉନ୍ନତିକଳ୍ପେ ବହୁ ପ୍ରକାର କାର୍ଯ୍ୟମାନ କରିଯାଇଛନ୍ତି। ସେ ଜଣେ ସଂପୂର୍ଣ୍ଣ ମାନବବାଦୀ ବ୍ୟକ୍ତିତ୍ୱ ଯିଏକି ମଣିଷକୁ କେବଳ ଗୋଟିଏ ମଣିଷ ଜାତି ହିସାବରେ ଦେଖୁଥିଲେ। ସେ ଥିଲେ ସକଳ ଜାତି-ଧର୍ମ ଏବଂ ସଂପ୍ରଦାୟର ଉର୍ଦ୍ଧ୍ୱରେ। ଏଇଥିପାଇଁ ସେ ତାଙ୍କର ସାଙ୍ଗିଆ ବା ସରନେମ 'ଶ୍ରୀବାସ୍ତବ'କୁ କାଟିଦେଇଥିଲେ। କାରଣ ଏହା ଏକ ଜାତିର ପ୍ରତୀକ ଥିଲା ଏବଂ ସେ ଏହାକୁ ଘୃଣା କରୁଥିଲେ। ଲାଲ ବାହାଦୂରଙ୍କର ଜନ୍ମ ୨ ଅକ୍ଟୋବର ୧୯୦୪ ମସିହାରେ ହୋଇଥିଲା। ତାଙ୍କ ପିତା ଓ ମାତାଙ୍କ ନାମ ଯଥାକ୍ରମେ ଶାରଦା ପ୍ରସାଦ ଏବଂ ରାମୁଦୁଲାଲୀ ଦେବୀ। ତାଙ୍କ ପିତା ଜଣେ ଶିକ୍ଷକ ଥିଲେ। ଦୁଃଖ ଯେ ତାଙ୍କୁ ଦେଢବର୍ଷ ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏଣୁ ତାଙ୍କ ମା'ଲାଲବାହାଦୁରଙ୍କୁ ଧରି ନିଜ ପିତାଘରକୁ ଚାଲିଗଲେ। ସେଠାରେ ତାଙ୍କର ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାପରେ, ସେ ବାରଣାସୀ ଯାଇ କାଶୀ ବିଦ୍ୟାପୀଠରେ ପଢି ଶାସ୍ତ୍ରୀ ଉପାଧି ପାଇଥିଲେ। ଏହା ଏକ ଉଚ୍ଚ ଶିକ୍ଷାଗତ ଉପାଧି ଥିଲେ ହେଁ, ତାଙ୍କର ଜ୍ଞାନ ଓ ବୁଦ୍ଧିର ବିଚକ୍ଷଣତା କାରଣରୁ ଏହି ଉପାଧି ନାମରେ ସେ ସବୁଦିନ ପାଇଁ ପରିଚିତ ହୋଇଗଲେ। ଶାସ୍ତ୍ରୀଜୀ ଅର୍ଥ ଜ୍ଞାନୀ।



୧୯୧୫ ମସିହାରେ ଗାନ୍ଧିଙ୍କର ଏକ ଭାଷଣ ଶୁଣିବାରେ ତାଙ୍କୁ ସୁଯୋଗ ମିଳିଲା ଯାହା ତାଙ୍କୁ ସ୍ୱାଧୀନତା ସଂଗ୍ରାମକୁ ଲମ୍ଫ ପ୍ରଦାନ ନିମନ୍ତେ ଅନୁପ୍ରାଣିତ କଲା। ୧୯୨୧ ମସିହାରେ ସେ ଡେଫିୟାନସ୍ ଅଫ୍ ପ୍ରୋହିବିଟାରୀ ଅର୍ଡର ଶୋଭାଯାତ୍ରାରେ ଯୋଗଦେଇ ବନ୍ଦୀ ହେଲେ; କିନ୍ତୁ ନାବାଳକ ହେତୁ ତାଙ୍କୁ ମୁକ୍ତ କରାଗଲା। ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଇ ସେ ଅଢେଇବର୍ଷ କାଳ ଜେଲ ଯାଇଥିଲେ। ୧୯୪୦ରେ ସେ ବ୍ୟକ୍ତିଗତ ଭାବେ ସତ୍ୟାଗ୍ରହକୁ ପୂର୍ଣ୍ଣ ସମର୍ଥନ ସାବ୍ୟସ୍ତ କଲେ ଏବଂ ପୁଣି ଜେଲ ଗଲେ। ପରେ ବ୍ରିଟିଶ ଭାରତ ଭାରତ ଛାଡ ଆନ୍ଦୋଳନ ପାଇଁ ଲୋକଙ୍କୁ ପ୍ରେସ୍ତାହନ ଯୋଗାଇ ୧୯୪୬ ଯାଏଁ ପୁନଶ୍ଚ ଜେଲ ଭୋଗ କଲେ।

ଜବାହାର ଲାଲ ନେହୁରୁ ଆମର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଭାରତର ପ୍ରଧାନମନ୍ତ୍ରୀ ପଦ ୯ ଜୁଲାଇ ୧୯୬୪ରେ ଗ୍ରହଣ କଲେ। ତାଙ୍କର ପ୍ରଧାନମନ୍ତ୍ରୀତ୍ୱ ବେଳେ ଭାରତର ପ୍ରଗତି ଓ ଉନ୍ନତି କାମନା କରି ସେ ସବୁଜ ବିପ୍ଲବ ଏବଂ ଶ୍ୱେତ ବିପ୍ଲବର ଆହ୍ୱାନ ଦେଇଥିଲେ। କୃଷି ଓ କୃଷକଙ୍କର ଉନ୍ନତି କାରଣାର୍ଥେ ତାଙ୍କର ସ୍ଲୋଗାନ ଥିଲା "ଜୟ କିଶାନ" ଏବଂ ସୈନିକମାନଙ୍କ ପାଇଁ ଥିଲା "ଜୟ ଜଓ୍ୱାନ"। ତାଙ୍କ ମତରେ ଦେଶର ନିରାପତ୍ତା ସୈନିକମାନଙ୍କ ହସ୍ତରେ ଏବଂ ଦେଶର ଅର୍ଥନୈତିକ ମେରୁଦଣ୍ଡ କୃଷକମାନଙ୍କ ହସ୍ତରେ ନ୍ୟସ୍ତ ଥିବାରୁ ସେମାନେ ପ୍ରଥମେ ବନ୍ଦନୀୟ। ଏହାବ୍ୟତୀତ ଅନ୍ୟାନ୍ୟ ଉନ୍ନତିମୂଳକ କାମରେ ତାଙ୍କର ଭୂମିକା ସ୍ୱୀକାର୍ଯ୍ୟ।

ଶାସ୍ତ୍ରୀଜୀଙ୍କର ମୃତ୍ୟୁର କାରଣ ଏବେ ବି ଅନ୍ଧକାରାଚ୍ଛନ୍ନରେ ଅଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଦୀର୍ଘକାଳୀନ ଯୁଦ୍ଧର ଅବସାନ ତଥା ଶାନ୍ତି ପ୍ରତିଷ୍ଠା ପାଇଁ ସୋଭିଏତ ଦେଶର ପ୍ରଧାନମନ୍ତ୍ରୀ ଆଲେକ୍‌ସି କୋସିଜୀନଙ୍କ ମଧ୍ୟସ୍ଥତାରେ ଏକ ମୀମାଂସାଜନିତ ସୂତ୍ରପାତ ହେଲା ସୋଭିଏତର ତାସଖେଣ୍ଡରେ। ଶାନ୍ତିକାମୀ ଶାସ୍ତ୍ରୀଜୀ ଏଥିରେ ଆନନ୍ଦର ସହିତ ଯୋଗଦେଲେ। ପାକିସ୍ଥାନ ତରଫରୁ ଜେନେରାଲ ଆୟୁବ ଖାଁ ସେଥିରେ ଉପସ୍ଥିତ ଥିଲେ। ଅଳିଆ ତୁଟିଲା। ୧୦ ଜାନୁୟାରୀ ୧୯୬୬ ମସିହା ଦିନ ପାକିସ୍ଥାନର ଆୟୁବ ଖାଁ ଏବଂ ଆମ ଶାସ୍ତ୍ରୀଜୀ ଶାନ୍ତି ପ୍ରସ୍ତାବ ଉପରେ ଦସ୍ତଖତ କଲେ । ଏହି ସର୍ତ୍ତ ଅନୁସାରେ ଉଭୟ ଦେଶର ସୈନ୍ୟ ୨୫ ଜାନୁୟାରୀ ୧୯୬୬ ସୁଦ୍ଧା ନିଜ ନିଜର ପୂର୍ବସ୍ଥାନକୁ ଫେରିଯିବା କଥା। ଏ ସମ୍ବାଦରେ ଭାରତୀୟମାନେ ଅତି ଖୁସି ବା ଆନନ୍ଦିତ ହେଲେ। ୧୦ ଜାନୁୟାରୀ ୧୯୬୬ ରାତିକୁ ତାଙ୍କର ଛାତିରେ ଯନ୍ତ୍ରଣା ହେଲା। ୧୧ ଜାନୁୟାରୀ ସକାଳୁ ସକାଳୁ ତାଙ୍କର ଦେହାନ୍ତ ହେଲା। ଅନେକଙ୍କ ମତରେ ତାଙ୍କର ହୃଦ୍‌କ୍ରିୟାଜନିତ ମୃତ୍ୟୁ ହୋଇଛି, ଅଥଚ ଅନେକଙ୍କର ମତ ଯେ ତାଙ୍କୁ ବିଷ ପ୍ରୟୋଗ କରାଇ ମାରି ଦିଆଯାଇଛି। କାରଣ ତାଙ୍କର ମୃତଦେହଟି ସଂପୂର୍ଣ୍ଣ ନୀଳ ପାଲଟିଯାଇଥିଲା ଯାହାକି ବିଷ ପ୍ରୟୋଗର ଲକ୍ଷଣ। ଏପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର କାରଣ ଏକ ରହସ୍ୟାବୃତ୍ତ ହୋଇ ରହିଯାଇଛି।

ଶାସ୍ତ୍ରୀଜୀ ତାଙ୍କ ମୃତ୍ୟୁ ପୂର୍ବରୁ ଯେତିକି ପ୍ରସାରିତ ଓ ପ୍ରଚାରିତ ହୋଇନଥିଲେ, ତାଙ୍କ ମୃତ୍ୟୁ ସେ କ'ଣ ବୋଲି ପ୍ରମାଣିତ କରିଦେଲା। ଭାରତର ଶୋକାକୁଳ ଜନତା ତାଙ୍କୁ ଦିଲ୍ଲୀର ଯେଉଁଠାରେ ଦାହ କଲେ, ତାହାର ନାମ ରଖିଲେ ବିଜୟ ଘାଟ। ଦେଶ ପାଇଁ ତାଙ୍କ ମୃତ୍ୟୁ ତାଙ୍କୁ ବିଜୟର ଟୀକା ପିନ୍ଧାଇ ଦେଇଛି, ଖାସ୍ ଏଇ ତାସଖେଣ୍ଟ ଚୁକ୍ତିରେ।

ନିଜ ସଂପର୍କରେ ସେ କହିଯାଇଛନ୍ତି: ମୁଁ ଶାସକ ନୁହେଁ, ମାତ୍ର ଜଣେ ସେବକ; ମୁଁ ଜଣେ ସାଧାରଣମାନଙ୍କ ମଧ୍ୟରେ ସାଧାରଣ।

ସତରେ ଶେଷଯାଏଁ-ସେ ହିଁ ସାଧାରଣ ଥିଲେ। ତାଙ୍କ କର୍ମ, ସେବା ତଥା ମହତପଣିଆ ପାଇଁ ସେ ସଦାକାଳେ ଆମ ପାଖେ ଥିବେ।

ଆଜିର ଜୟନ୍ତୀ ଅବସରରେ ଆସନ୍ତୁ, ଏହି ଦୁଇ ଭାରତୀୟ ମହାନ ବ୍ୟକ୍ତିଙ୍କ ପ୍ରତି ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା। ଏହା ହିଁ ସେମାନଙ୍କ ପ୍ରତି ଆମ୍ଭମାନଙ୍କର ଶ୍ରେଷ୍ଠ ସମ୍ମାନ ହେଉ !

*-ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, କଟଣୀ, ଶୂନ୍ୟଭାଷ: ୯୯୩୮୩୪୪୧୩୮*

# ଦୁର୍ନୀତି ବିରୁଦ୍ଧ ଲଢେଇ ପାଇଁ ସର୍ବେଶ୍ୱର ବେହୁରାଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା (ପିଏନ୍): ପରିବେଶ ସୁରକ୍ଷା ଓ ଦୁର୍ନିତି ବିରୁଦ୍ଧରେ ସଂଗ୍ରାମ ପାଇଁ ଜାତୀୟସ୍ତରୀୟ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ବିଭିନ୍ନ ସଙ୍ଗଠନ ଓ ବିଜେପି କର୍ମୀମାନଙ୍କ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି । ଧର୍ମଶାଳା ବ୍ଲକ ଜାରକାସ୍ଥିତ ପ୍ରୟାଗ ମଣ୍ଡପ ଠାରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଚନ୍ଦ୍ରମଣି ପଣ୍ଡିତ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିରିଷ୍ଟ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ, ଶ୍ରମିକ ନେତା ନୃସିଂହ ମିଶ୍ର ଯୋଗଦେଇ ଶ୍ରୀ ବେହୁରା ଏକ ଦଶନ୍ଧିରୁ ଉର୍ଦ୍ଧ ସମୟ ହେଲା ଧର୍ମଶାଳା ତହସିଲ ଅଧିନରେ ଥିବା ବିଭିନ୍ନ ଖାଦାନ ଗୁଡ଼ିକରେ ହେଉଥିବା ବେଆଇନ ଉତୋଳନକୁ ପ୍ରଶାସନ ଉପରେ ଚାପ ପକାଇ ଚୋରା ଚାଲାଣ ଉପରେ ରୋକ ଲାଗାଇବା, ସରକାରଙ୍କ ବିଭିନ୍ନ ଯୋଜନାରେ ଦୁର୍ନିତି ହୋଇଥିବା ନେଇ ଓ ଏଥିରେ ସଂପୃକ୍ତି ଥିବା ଅଧିକାରୀ ମାନଙ୍କୁ କାଠଗଡ଼ାରେ ଛିଡ଼ାକରିବା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଗତ ବର୍ଷ ମାର୍ଚ୍ଚମାସ ୨୭ ତାରିଖରେ ତାଙ୍କ ଉପରକୁ ବୋମା ମାଡ଼ ହୋଇଥିଲା ଏଥିରେ ସେ ତିଳେମାତ୍ର ବ୍ୟତିବ୍ୟସ୍ତ ନହୋଇ ପୂର୍ବ ଭଳି ସେ ତାଙ୍କର ଦୁର୍ନିତି ବିରୁଦ୍ଧରେ ଲଢେଇ ଜାରି ରଖିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସୂଚନା ଯୋଗ୍ୟ ଯେ ଶ୍ରୀ ବେହୁରା ଭୁବନେଶ୍ୱର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ତଥା କ୍ୟାପିଟାଲ୍ ଫାଉଣ୍ଡେସନ ସଦସ୍ୟ ଜଷ୍ଟିସ ମଦନ ବି. ଲୋକୁର, ଜଣାଶୁଣା ସାମାଜିକକର୍ମୀ ଅରୁଣା ରାୟ,ଅଳି ଭରଦ୍ୱାଜ,ନିଖିଲ୍ ଦେ ଓ ସୂଚନା ଅଧିକାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ପ୍ରମୁଖ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହିଳାନେତ୍ରୀ ସାବିତ୍ରୀ ସାହୁ,ଜିଲ୍ଲା ପରିଷଦ ପ୍ରାର୍ଥୀ ଶରତ ଓଝା, ସରପଂଚ ବିପିନ ଓଝା, ଅଶୋକ ରାଉତ, ଅକ୍ଷୟ ପଣ୍ଡା ପ୍ରମୁଖ ଯୋଗଦେଇଥିବା ବେଳେ ସୁଶାନ୍ତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ରାଜେଶ ଗୋଛାୟତ, ପ୍ରଭାତ ବରାଳ, ବୁଲୁ ଦାସ, ସୁଶାନ୍ତ କବି, ଦେବାଶିଷ କର, ପାର୍ବତି ବେହେରା ବଳରାମ ଦାସ, ସୁମିତ୍ରା ଦାସ ଓ ଅଂଜଳି ଘଡେଇ ପ୍ରମୁଖ କାର୍ଯ୍ୟକର୍ତା ସହଯୋଗ କରିଥିଲେ । ଶେଷରେ ଇଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାଁ ନାମ ବଦଳାଇବାକୁ ପ୍ରାକ୍ତନ ବିଧାୟକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଧର୍ମଶାଳା (ପିଏନ୍): ୪୫ ଗୋଟି ପଂଚାୟତକୁ ନେଇ ଧର୍ମଶାଳା ପଂଚାୟତ ସମିତି ଗଠିତ ହୋଇଛି । ଏହି ନିର୍ବାଚନମଣ୍ଡଳୀର ନାମ ଧର୍ମଶାଳା ହୋଇଥିବା ବେଳେ ବ୍ଲକ, ତହସିଲ, ଥାନା, ସବରେଜିଷ୍ଟ୍ରାର ଅଫିସ, ଡାକ୍ତରଖାନା, ପୋଷ୍ଟ ଅଫିସ, ଧର୍ମଶାଳା ବାଣୀପୀଠ ଓ ସର୍ବପୁରାତନ ହାଟର ନାମ ଧର୍ମଶାଳା ରହିଛି । ପୁରାତନ ଜଗନ୍ନାଥ ସଡକ ପାର୍ଶ୍ୱରେ ଯାତ୍ରୀ ରହଣି ପାଇଁ ରାଣୀ ଅହଲ୍ୟାବାଇ ଏକ ଧର୍ମଶାଳା ନିର୍ମାଣ କରିଥିଲେ । ଏଠାରେ ଥିବା ଧର୍ମଶାଳା ଥାନା, ଡାକ୍ତରଖାନା ଓ ରାଣୀ ଅହଲ୍ୟାବାଇ ଧର୍ମଶାଳା ଚୋରମୁହାଁ ପଂଚାୟତ ଅଧିନରେ ରହିଛି । ସମୟକ୍ରମେ ନାମର ଅପଭ୍ରଂଶ ହୋଇ ପଂଚୟତ ଓ ଗ୍ରାମର ନାମ ଚୋରମୁହାଁ ହୋଇଛି । ଯାହାକି ପଂଚାୟତବାସୀଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି । ତେବେ ଏବେ ଚାରିଆଡେ ବିଭିନ୍ନ ସ୍ଥାନର ନାମ ପରିବର୍ତନ କରାଯାଇ ନୂତନ ନାମରେ ନାମିତ ହେଉଛି । ସେହିଭଳି ଭାବେ ଚୋରମୁହାଁର ନାମ ବଦଳାଯାଇ ଧର୍ମଶାଳା କରିବାକୁ ପ୍ରାକ୍ତନ ବିଧାୟକ ତଥା ଧର୍ମଶାଳା ଖୋଜ ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁଚରଣ ଟିକାୟତ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଛନ୍ତି ।




# ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟସ୍) କାର୍ଯ୍ୟକ୍ରମ, କେନ୍ଦୁଝର ଜିଲ୍ଲାର ୬୦୦୦ରୁ ଅଧିକ ଛାତ୍ରଛାତ୍ରୀ ମାନଙ୍କ ଅଂଶଗ୍ରହଣ



ଯୋଡା,(ପି.ଏନ):ମହାକାଶ ବିଜ୍ଞାନ କ୍ଷେତ୍ରରେ ଓଡିଶାର ଛାତ୍ରଛାତ୍ରୀ ମାନଙ୍କ ପ୍ରତିଭା ଚିହ୍ନଟ ଓ ପ୍ରସାର ଲକ୍ଷ୍ୟରେ ଆୟୋଜିତ କରାଯାଉଥିବା ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟସ୍) ପ୍ରତିଯୋଗିତା କେନ୍ଦୁଝର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ସମଗ୍ର ରାଜ୍ୟରେ ୨ ମାସରୁ ଅଧିକ ସମୟ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ୨୦ଟି ବିଦ୍ୟାଳୟରୁ ୬୦୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଭୁବନେଶ୍ୱର ସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ୍ ସହଭାଗିତାରେ ୟାଟସ୍ ଆୟୋଜନ କରାଯାଉଛି । କୁଇଜ୍ ଓ ପ୍ରବନ୍ଧ ଲିଖନକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାରେ ୬ଷ୍ଠରୁ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରୁଛନ୍ତି । ଟାଟା ଷ୍ଟିଲର ଯୋଡା କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତି ଅଂଚଳର ଡିଏଭି ପବ୍ଲିକ୍ ସ୍କୁଲ, ଯୋଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଯୋଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଗୁଆଲିର ନିଳାଚଳ ଉଚ୍ଚ ବିଦ୍ୟାଳୟ ଏବଂ ଆଶ୍ରମ ବିଦ୍ୟାଳୟ ସମେତ କେନ୍ଦୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି ଅବସରରେ ଆଲୋଚନା ଓ ଜ୍ଞାନ ଭିତ୍ତିକ ଅଧିବେଶନ ମାଧ୍ୟମରେ ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟତ୍ରୀ,ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଟାଟା ଷ୍ଟିଲର ଅଧିକାରୀମାନେ ଛାତ୍ରଛାତ୍ରୀ ମାନଙ୍କୁ ଅନୁପ୍ରେରିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଯାଇଥିବା ବେଳେ ସେମାନେ ମହାକାଶ ଓ ସୌରଜଗତ ଉପରେ ବିଶେଷ ଭାବେ ଜାଣିବାକୁ ଇଛା ପ୍ରକାଶ କରିଥିଲେ । ଚଳିତ ବର୍ଷ ୟାଟସ୍ ହାଇବ୍ରିଡ୍ ମୋଡରେ ଆୟୋଜନ କରାଯାଉଛି, ଯେଉଁଥିରେ ଛାତ୍ରଛାତ୍ରୀମାନେ ବ୍ୟକ୍ତିଗତ ଭାବେ ବିଦ୍ୟାଳୟ ଓ ଭର୍ଚୁଆଲ ୟାଟସ୍ ୱେବ୍‌ସାଇଟ୍ ଜରିଆରେ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ । ଚଳିତ ବର୍ଷ ୟାଟସ ୨୦୨୨ର ବିଷୟବସ୍ତୁ ହେଉଛି 'ବ୍ରହ୍ମାଣ୍ଡ ରହସ୍ୟ ଉନ୍ମୋଚନ କରିବାର ଏବେ ସମୟ' । ପ୍ରତ୍ୟେକ ଜିଲ୍ଲାରୁ ଶ୍ରେଷ୍ଠ ୨ଜଣ ପ୍ରତିଯୋଗିଙ୍କୁଚଳିତ ବର୍ଷ ଡିସେମ୍ବର ମାସରେ ଭୁବନେଶ୍ୱର ଠାରେ ଆୟୋଜିତ ହେବାକୁ ଥିବା ଗ୍ରାଣ୍ଡ ଫିନାଲେ ନିମନ୍ତେ ଆମନ୍ତ୍ରିତ କରାଯିବ । ଏହି ଅବସରରେ ବ୍ୟକ୍ତିଗତ ସାକ୍ଷାତକାର ଆଧାରରେ ଚୁଡାନ୍ତ ମୂଲ୍ୟାଙ୍କନ ପରେ ଶ୍ରେଷ୍ଠ ୨୦ଜଣ ବିଜେତାଙ୍କ ନାମ ଘୋଷଣା କରାଯିବା ସହିତ ସେମାନଙ୍କୁ ସମ୍ମାନୀତ କରାଯିବ । ଜ୍ୟୋତିର୍ବିଜ୍ଞାନର ରହସ୍ୟ ସମ୍ପର୍କରେ ଯୁବ ପ୍ରତିଭା ମାନଙ୍କ ଜ୍ଞାନ ପରିସୀମାକୁ ବୃଦ୍ଧି କରିବା ଦିଗରେ ୟାଟସ୍ ୧୫ବର୍ଷ ପୂରଣ କରିଛି । ଓଡିଶାର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନ୍ତରୀକ୍ଷ ବିଜ୍ଞାନକୁ ଓଡିଶାର କିମ୍ବଦନ୍ତୀ ପୁରୁଷ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଅବଦାନକୁ ଲୋକପ୍ରିୟ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ।

## ଆସୋଚାମ ପକ୍ଷରୁ ଭୁବନେଶ୍ୱରରେ ଇଣ୍ଡଷ୍ଟ୍ରିଆଲ ଡିକାର୍ବୋନାଇଜେସନ ସମ୍ମିଳନୀ ୨୦୨୨ ଆୟୋଜିତ

ଭୁବନେଶ୍ୱର,(ପି.ଏନ): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି)ର ମିଳିତ ସହଯୋଗରେ ଆସୋସିଏଟେଡ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି , ଓଡ଼ିଶା ସରକାର ଇଣ୍ଡଷ୍ଟ୍ରିଆଲ ଡିକାର୍ବୋନାଇଜେସନ ସମ୍ମିଳନୀ ୨୦୨୨ ନେଟ ଜିରୋ ପାଇଁ ରୋଡ ମ୍ୟାପ ଆୟୋଜନ କରିଥିଲେ । ଏହି ସମ୍ମିଳନୀ ସମଗ୍ର ବିଶ୍ୱରେ ଡିକାର୍ବୋନାଇଜେସନ ଭବିଷ୍ୟତ ପାଇଁ ପରିବର୍ତ୍ତନକୁ ପ୍ରେରଣା ଦେବ ଓ ଶୂନ୍ୟ କାର୍ବନ ପ୍ରତିଶ୍ରୁତିକୁ ପୂରଣ କରିବାରେ ସହାୟକ ହେବ ।ଇଣ୍ଡଷ୍ଟ୍ରିଆଲ ଡିକାର୍ବୋନାଇଜେସନକୁ ପ୍ରୋତ୍ସାହିତ କରିବା ପାଇଁ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମାନ୍ୟବର ମନ୍ତ୍ରୀ କୃଷି ଓ କୃଷକ ସଶକ୍ତିକରଣ ଓ ମତ୍ସ୍ୟ ବିଭାଗ ତଥା ଏଆରଡି ଓଡ଼ିଶା ସରକାର, ଶ୍ରୀ ସିଦ୍ଧାନ୍ତ ଦାସ,ଚେୟାରମ୍ୟାନ, ଓଡ଼ିଶା ରିୟଲ ଇଷ୍ଟଟ ରେଗୁଲୋଟୋରି ଅଥୋରିଟି, ଶ୍ରୀ ସତ୍ୟବ୍ରତ ସାହୁ ପ୍ରିନିସିପାଲ ସେକ୍ରେଟାରୀ (ଇନ ଚାର୍ଜ) ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସଡ଼ିଶା ସରକାର ପ୍ରମୁଖ ଉପସ୍ଥିତ ରହି ଏହି ଦିଗରେ ବଳିଷ୍ଠ ପଦକ୍ଷେପ ନେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସମ୍ମିଳନୀରେ ବିଭିନ୍ନ ପର୍ଯ୍ୟବେକ୍ଷକ, ବିଶେଷଜ୍ଞ, ଇଂଜିନିୟର, ନେତା, ନୀତି ନିମର୍ମାତା ଓ ନିୟାମକ, କେନ୍ଦ୍ରୀୟ ତଥା ରାଜ୍ୟ ପ୍ରଦୂଷଣ ବୋଡ, ସାମୁଦ୍ରିକ ଜୀବ ବିଜ୍ଞାନୀ, ଜଳବାୟୁ ବିଶେଷଜ୍ଞ, ପରିବେଶ ନିୟାମକ ଏଜେନସି, ପ୍ରଯୁକ୍ତି ବିଦ୍ୟା ବିଶେଷଜ୍ଞ ପ୍ରମୁଖ ବ୍ୟକ୍ତିମାନେ ଡିକାର୍ବେନାଇଜେସନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।

**OFFICE OF THE NOTIFIED AREA COUNCCIL:JUNAGARH**

**No.2348/NAC(J)** **Dated.28/09/2022**

**Detailed Tender Call Notice**

Sealed tenders in percentage bid are invited in conformity with the Detailed Tender Call Notice to be eventually drawn up in the PWD prescribed Form F-2 for the following works of NAC, Junagarh from the Govt. license holder of D & C Class Contractors. The Tender papers will be available in the Office of the Junagarh NAC during office hour on payment of cost (Non-refundable) in cash or Bank draft as indicated in column 4 below **up to 5.00 P.M.** on all working days till **13.10.2022** and will be received **up to 1.00PM on 14.10.2022** in the specified tender Box placed in the office of the undersigned. The tender will be opened on **14.10.2022 at 4.00 pm.** in presence of the bidders or their authorized representatives who wish to remain present. **Earnest money as indicated in col. 5 need not require to be deposited in any form with the tender paper. But, a bid security declaration form duly signed by the bidders shall be accompanied with the tender (enclosed here with).** Valid GST, PAN and Valid Contractor registration Certificate issued by the competent authority must be accompanied with the tender papers. **The tender received after due date and time shall not be entertained in any case and authority shall not be responsible for any delay or missing of tender papers.** Additional Performance Security Deposit shall be obtained from the bidder when the bid amount is less than the estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount (as mentioned memorandum no. 07556900052021 (Pt.) 4559/W Dated. 05.04.2021 of Government of Odisha Works Department attached herewith) as Additional Performance Security (APS) in shape of demand draft/term deposit/receipt pledged in favor of the Executive Officer, NAC Junagarh within seven days, otherwise the bid shall be cancelled. Further, proceeding for blacklisting shall be initiated against defaulting bidder. Any other information can be had from the office of the NAC, Junagarh during office hours on all working days only. The Authority reserves the rights to rejects any or all the tenders without assigning any reason there to. The details of works may be seen from the Notice Board of NAC, Junagarh and District website www.junagarhnac.in

**Executive Officer,**
**NAC Junagarh**

# କିଟ୍ ବିଶ୍ୱବିଦ୍ୟାଳୟର ୧୮ତମ ସମାବର୍ତ୍ତନ : ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ ବିକାଶ ପାଇଁ ଜ୍ଞାନ ହେଉଛି ମୂଳ ସମ୍ବଳ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,(ପି.ଏନ): ଦେଶରେ ସାମାଜିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଜ୍ଞାନ ହେଉଛି ମୂଳ ସମ୍ବଳ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଶନିବାର କିଟ୍ ବିଶ୍ୱବିଦ୍ୟାଳୟର ୧୮ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ପଟ୍ଟନାୟକ କହିଲେ, ଜ୍ଞାନ ବିପ୍ଳବ ଆମ ଜୀବନର ପ୍ରତ୍ୟେକଟି ଦିଗକୁ ଏକ ସ୍ୱତନ୍ତ୍ର ରୂପ ଦେଇଥାଏ । ବର୍ତ୍ତମାନର ଜ୍ଞାନ ଯୁଗ ନୂତନ ସର୍ଜ୍ଜନା ଓ ଚିନ୍ତାଧାରାକୁ ପୁରସ୍କୃତ କରିଥାଏ । ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଶ୍ରୀ ପଟ୍ଟନାୟକ କହିଥିଲେ, ବର୍ତ୍ତମାନ ସମୟରେ ବିଶ୍ୱର ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ଭାରତ କ୍ଷିପ୍ର ଗତିରେ ଯୋଗଦାନ କରିଚାଲିଛି । ଆମ ଦେଶର ଯୁବକମାନେ ଏହି ଷ୍ଟାର୍ଟଅପ୍ ଆନ୍ଦୋଳନକୁ ନେତୃତ୍ୱ ଦେଉଛନ୍ତି । ତୁମେମାନେ ଦେଶର ପରବର୍ତ୍ତୀ ନେତୃତ୍ୱ । ତୁମର ଭବିଷ୍ୟତ ଦେଶର ଭବିଷ୍ୟତ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଦେଶକୁ ଏକ ନୂତନ ରୂପରେଖ ଦେବା ପାଇଁ ତୁମମାନଙ୍କ ପାଇଁ ଏକ ସୁଯୋଗ ରହିଛି । ମୁଁ ନିଶ୍ଚିତ, କିଟ୍‌ର ଛାତ୍ରଛାତ୍ରୀମାନେ ସେମାନଙ୍କ ସର୍ଜନା ଓ ନୂତନ ଚିନ୍ତାଧାରା ବଳରେ ସମାଜ ଗଠନରେ ସହାୟକ ହେବେ । କିଟ୍ ତାର ରୌପ୍ୟ ଜୟନ୍ତୀ ଅବସରରେ ୧୮ତମ ସମାବର୍ତ୍ତନ ପାଳନ କରୁଛି । ଗତ ୨୫ବର୍ଷ ମଧ୍ୟରେ ଦେଶର ବୈଷୟିକ ଓ ବୃତ୍ତିଗତ ଶିକ୍ଷାରେ କିଟ୍ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛି । ଅଳ୍ପ ସମୟ ମଧ୍ୟରେ କିଟ୍ ଆମେରିକାର ଆବେଟ୍ ସ୍ୱୀକୃତି ସହ ବିଭିନ୍ନ ଅନ୍ତର୍ଜାତୀୟ ଓ ଜାତୀୟ ସ୍ୱୀକୃତି ଲାଭ କରିପାରିଛି । ଶିକ୍ଷା ସହ କ୍ରୀଡ଼ା ଓ ସମାଜସେବା କ୍ଷେତ୍ରରେ ମଧ୍ୟ କିଟ୍‌ର ଉଲ୍ଲେଖନୀୟ ଅବଦାନ ରହିଆସିଛି । ଶିକ୍ଷା କ୍ଷେତ୍ରରେ ଅସମାନତା ଦୂର କରିବାରେ କିଟ୍‌ର ମଧ୍ୟ ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ । ଗୁଏତମାଳାର ବିଶିଷ୍ଟ ସମାଜସେବୀ ତଥା ଶାନ୍ତି ନୋବେଲ ବିଜୟିନୀ ଡ. ରିଗୋବେର୍ତା ମେଞ୍ଚୁ ତୁମ୍ ଭର୍ଚୁଆଲ୍‌ରେ ଛାତ୍ରଛାତ୍ରୀଙ୍କୁ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରି କହିଲେ, ବର୍ତ୍ତମାନ ବିଶ୍ୱ ଏଭଳି ନେତୃତ୍ୱ ଆବଶ୍ୟକ କରୁଛି, ଯେଉଁମାନଙ୍କଠାରେ ମାନବିକତା ଭରି ରହିଛି । ଜଣେ ନେତା ହେବା ପାଇଁ ଜଣେ ଭଲ ମଣିଷ ହେବା ସହ ବୈଷୟିକ ଜ୍ଞାନର ଆବଶ୍ୟକ ରହିଛି । ତୁମେମାନେ ତୁମର ବୈଷୟିକ ଜ୍ଞାନର ବିନିଯୋଗ କରି ମାନବିକତାର ସହ ବିଶ୍ୱକୁ ନେତୃତ୍ୱ ଦେଇପାରିବ ବୋଲି ସେ କହିଥିଲେ । କିଟ୍ ବିଶ୍ୱବିଦ୍ୟାଳୟ ଶିକ୍ଷା ସହ ମାନବିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଆସୁଥିବା ଜାଣି ମୁଁ ଅତ୍ୟନ୍ତ ଖୁସି । ଶିକ୍ଷା କ୍ଷେତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ସହ ଗୁଏତମାଳା ଅନୁବନ୍ଧିତ ହେବା ମୁଁ ଚାହେଁ ବୋଲି ସେ କହିଥିଲେ ।କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା କହିଲେ, ଦେଶ ସଶକ୍ତ ହେବା କ୍ଷେତ୍ରରେ ଶିକ୍ଷା ହେଉଛି ଏକ ମାଧ୍ୟମ । ଏହା ମଧ୍ୟ ଜଣେ ବ୍ୟକ୍ତିର ଚରିତ୍ର ଗଠନରେ ସହାୟକ ହୋଇଥାଏ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ନିଜ ନିଜ କ୍ଷେତ୍ରରେ ଅଗ୍ରସର ହେବା ସହ ସର୍ବଦା ଭଲ ମଣିଷ ହେବା ପାଇଁ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା । ବ୍ରିଟିଶ୍ ପାର୍ଲାମେଣ୍ଟ ସାଂସଦ ଜନ୍ ଦେଶମଣ୍ଡ ଫୋବ୍‌ସ ଆଣ୍ଡେରସନ, ଇଉରୋପିଆନ୍ ୟୁନିଅନ ସାଂସଦ ହିମାଂଶୁ ଗୁଲାଟି, ଜର୍ମାନ୍‌ର ବରିଷ୍ଠ ବୈଦେଶିକ ନୀତି ପରାମର୍ଶଦାତା ଆଣ୍ଡେରେସ ଜନ, ପରାଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ସଭାପତି ଖେଲରନ୍ ଓ ଅର୍ଜୁନ ପୁରସ୍କାର ବିଜୟିନୀ ପଦ୍ମଶ୍ରୀ ଡ. ଦୀପା ମଲ୍ଲିକ୍, ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପ୍ରତିନିଧି ଏବଂ ଭାରତରେ ଅବସ୍ଥାପିତ ଏହାର ନିର୍ଦ୍ଦେଶକ ବିଶୋ ପାରୁଜୁଲି, ମୁମ୍ବାଇସ୍ଥିତ ଆଫ୍‌କନ୍ ଇନ୍‌ଫ୍ରାଷ୍ଟ୍ରକଚରର କାର୍ଯ୍ୟକାରୀ ଉପାଧ୍ୟକ୍ଷ କେ. ସୁବ୍ରମଣ୍ୟନ ଏବଂ ଏସ୍ ଏନ୍ ମହାନ୍ତି ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତିଙ୍କୁ ଚଳିତବର୍ଷ ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଥିଲା । ଚଳିତବର୍ଷ ୧୬୩ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ସମେତ ବିଭିନ୍ନ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ମୋଟ ୮୧୨୩ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହା ସହ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ୩ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ, ୩୪ ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ, ନନୀବାଳା ସ୍ୱର୍ଣ୍ଣପଦକ, ଶ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ପି. କେ. ବଳ ସ୍ମାରକୀ ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣପଦକ ଓ ୩୦ଜଣଙ୍କୁ କୁଳପତି ରୌପ୍ୟପଦକ ପ୍ରଦାନ କରାଯାଇଥିଲା । ସମାବର୍ତ୍ତନ ଉତ୍ସବରେ ଉପକୁଳାଧିପତି ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ସସ୍ମିତା ସାମନ୍ତ, କୁଳସଚିବ ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ସ୍କୁଲ ଛାତ ପ୍ଲାଷ୍ଟର ଖସି ୭ ଛାତ୍ରଛାତ୍ରୀ ଆହତ ହେବା ଘଟଣା, ପିଡି ଡିଆରଡିଏ ଦେଲେ ତଦନ୍ତ ନିର୍ଦ୍ଦେଶ, ଭୟରେ ଛାତ୍ରଛାତ୍ରୀ ଆସୁ ନାହାଁନ୍ତି ସ୍କୁଲ

କେନ୍ଦୁଝର,(ପି.ଏନ): ଘଟଗାଁ ବ୍ଲକ ଅନ୍ତର୍ଗତ ଅର୍ଜୁନବିଲା ପ୍ରାଥମିକ ବିଦ୍ୟାଳୟ ସିଲିଂ ରୁ ପ୍ଲାଷ୍ଟର ଖସି ୭ ଜଣ ଆଦିବାସୀ ଛାତ୍ରଛାତ୍ରୀ ଆହତ ହୋଇଥିଲେ । ଶ୍ରେଣୀରେ ପାଠ ପଢୁଥିବାବେଳେ ସ୍କୁଲ ଛାତ ରୁ ପ୍ଲାଷ୍ଟର ଖସିଥିଲା । ବିଦ୍ୟାଳୟର ରାଜଶ୍ରୀ ନାୟକ,ସୁକୁମାରୀ ମୁଣ୍ଡା,ଜାନୁ ସିଂ ପୂର୍ତ୍ତି,ଗାର୍ଗି ମୁଣ୍ଡା,ସୋନାଲି ମୁଣ୍ଡା,ଆରତୀ ହନହଗା,ଅଙ୍କିତା ମୁଣ୍ଡା ଆହତ ହୋଇଥିଲେ । ତେବେ ଏହି ଘଟଣାକୁ ପ୍ରଶାସନ ଗୁରୁତର ସହ ନେଇଛି । ଏ ନେଇ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଘଟଗାଁ ବିଡିଓ ଙ୍କୁ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଚିଠି ନଂ ୫୫୬୨ ତା ୩୦/୦୯/୨୦୨୨ ରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏହି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଘଟଗାଁ ବିଡିଓ ନାରାୟଣ ସାହୁ ଅର୍ଜୁନବିଲା ସ୍କୁଲ ଯାଇ ତଦନ୍ତ କରିଛନ୍ତି । ସ୍କୁଲ ମରାମତି ସମୟରେ ସଠିକ୍ ତଦାରଖ ହୋଇନଥିବାରୁ ଏପରି ଅଘଟଣ ଘଟିଥିବା ସ୍ଥାନୀୟ ଲୋକ କହିଛନ୍ତି । ଗତ ୨ ମାସ ତଳେ ୨ ଲକ୍ଷ ୬୦ ହଜାର ଟଙ୍କାରେ ପଂଚାୟତ ସମିତି ପକ୍ଷରୁ ଏହାର ମରାମତି କରାଯାଇଥିଲା । କନିଷ୍ଠ ଯନ୍ତ୍ରୀ ଅନ୍ନପୂର୍ଣ୍ଣ ଘଡେଇ ଙ୍କ ନାମରେ ବିଭାଗୀୟ କାର୍ଯ୍ୟାଦେଶ ହୋଇଥିବାବେଳେ ଗଦାଧରପୁର ପଂଚାୟତର କନିଷ୍ଠ ଯନ୍ତ୍ରୀ ସସ୍ମିତା ହେମ୍ବ୍ରମ ଏହାର ତଦାରଖ ପାଇଁ ନିର୍ଦ୍ଦେଶ ରହିଥିଲା । ସ୍କୁଲ ମରାମତି ସମୟରେ ଟେକନିକାଲ ତଦାରଖ ଠିକ୍ ଭାବରେ କରାଯାଇନଥିବାରୁ ଏପରି ଅଘଟଣ ଘଟିଥିଲା । ସରକାରୀ ଅର୍ଥ ବିନିଯୋଗ ସମୟରେ ସ୍ୱଚ୍ଛତା ରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଇନଥିଲା । ବିଭାଗୀୟ ଅଧିକାରୀ ଙ୍କ ଦାୟିତ୍ୱହୀନତା ପାଇଁ ନିମ୍ନମାନର କାର୍ଯ୍ୟ ହୋଇଥିଲା । ବିଦ୍ୟାଳୟରେ ପାଠ ପଢୁଥିବା ଆଦିବାସୀ ଛାତ୍ରଛାତ୍ରୀମାନେ ବଡ ଧରଣର ଅଘଟଣରୁ ଅଳ୍ପକେ ରକ୍ଷା ପାଇଥିଲେ । ଏହି ଘଟଣା ପରେ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଭୟଭିତ ହୋଇପଡିଛନ୍ତି । ପ୍ରଥମ ରୁ ପଞ୍ଚମ ଶ୍ରେଣୀ ଥିବା ଏହି ବିଦ୍ୟାଳୟରେ ୩୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ଶୁକ୍ରବାର ଦିନ ମାତ୍ର ୧୯ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟ ଆସଥିଲେ । ଶ୍ରେଣୀଗୃହ ଅଭାବରୁ କିଛି ଛାତ୍ରଛାତ୍ରୀ ବିଦ୍ୟାଳୟ ରୋଷେଇ ଘର ବାରଣ୍ଡାରେ ପାଠ ପଢିଥିଲେ । ଠିକାଦାର ମରାମତି କାମ କରିବା ସମୟରେ କୌଣସି ଯନ୍ତ୍ରୀ ବିଦ୍ୟାଳୟକୁ ଆସିନଥିବାବେଳେ ଘଟଗାଁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିପାଶ୍ରୀ ସିଂ ଙ୍କ ମଧ୍ୟ ଦେଖା ଦର୍ଶନ ମିଳିନଥିଲା । ଏହି ଘଟଣାରେ କାର୍ଯ୍ୟରେ ଅବହେଳା କରିଥିବା ଯନ୍ତ୍ରୀଙ୍କ ବିରୁଦ୍ଧରେ ପଂଚାୟତି ରାଜ ବିଭାଗ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହୋଇଛି । ଏ ସଂପର୍କରେ ଅର୍ଜୁନବିଲା ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷୟିତ୍ରୀ ଆଭାମୟୀ ରାଉତ ଙ୍କ ସହ ଯୋଗଯୋଗ କରିବାରୁ ଛାତ ରୁ ପାଣି ଗଳୁଥିବାରୁ ଛାତ୍ରଛାତ୍ରୀ ବସିବାରେ ସମସ୍ୟା ଦେଖାଦେଇଥିଲା । ବିଦ୍ୟାଳୟ ମରାମତି କରିବାକୁ ରିଜଲ୍ୟୁସନ କରାଯାଇ ବିଇଓ ଙ୍କୁ ଅବଗତ କରାଯାଇଥିଲା । ଏହାପରେ ପଂଚାୟତ ପକ୍ଷରୁ ମରାମତି କାମ କରାଯାଉଥିଲା ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK




Bhubaneswar Sunday October 02, 2022 | ଭୁବନେଶ୍ୱର ରବିବାର, ଅକ୍ଟୋବର ୦୨,୨୦୨୨ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮


## ମହାବିନାୟକ ଲଘୁ ଗଣିଜ ପରିବହନ ମାଲିକ ସଂଘର ବୈଠକ



ଚଣ୍ଡିଖୋଲ,(ପି.ଏନ): ଚଣ୍ଡିଖୋଲ ସ୍ଥିତ ମହାବିନାୟକ ଲଘୁ ଖଣିତ ପରିବହନ ମାଲିକ ସଂଘର ଏକ ଜରୁରୀ ବୈଠକ ସଂଘର କାର୍ଯ୍ୟାଳୟ ଠାରେ ସଭାପତି ଅଜାମ୍ବର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଣ୍ଡିଖୋଲ, ଧର୍ମଶାଳା ଲଘୁ ଖଣିଜ ପରିବହନ କରୁଥିବା ଟ୍ରକ୍ ମାଲିକମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଗାଡ଼ି ଚାଳକ, ରାସ୍ତାଘାଟ ଓ ଜନସାଧାରଣଙ୍କର ଧନ ଜୀବନକୁ ସୁରକ୍ଷା ପାଇଁ ରାଜ୍ୟ ସରକାର ପକ୍ଷରୁ ବିଭିନ୍ନ ନୀତି ନିୟକ ପ୍ରଣୟନ କରାଯିବା ସହିତ ସୁରକ୍ଷିତ ମାଲ ପରିବହନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ମାତ୍ର କେତେକ ଟ୍ରକ୍ ମାଲିକ ସରକାରଙ୍କ ଦ୍ୱାରା ପ୍ରଣିତ ପରିବହନ ନୀତିକୁ ଉଲଂଘନ କରି ମାଲ ପରିବହନ କରୁଛନ୍ତି। ନିର୍ଦ୍ଧାରିତ ମାଲ ପରିବହନ ଠାରୁ ଅଧିକ ମାଲ ପରିବହନ କରି ସରକାରଙ୍କ ନୀତି ଓ ନିୟମକୁ ଖୋଲା ଖୋଲି ଉଲଘନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଚଣ୍ଡିଖୋଲ ଠାରେ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ଏକ ବୈଠକରେ ଟ୍ରକଗୁଡ଼ିକର ପରିବହନ କ୍ଷମତା ଅନୁଯାୟୀ ମାଲ ପରିବହନ କରିବା ପାଇଁ ଆଜିର ବୈଠକରେ ନିଷ୍ପତି ହେବା ସହିତ ସମଗ୍ର ଓଡ଼ିଶାରେ ଏହି ନୀତି ନିୟମକୁ ପାଳନ କରିବା ପାଇଁ ସରକାର ଓ ପ୍ରଶାସନୀକ ଅଧିକାରୀଙ୍କ ନିକଟରେ ଦାବୀ କରିବା ସହିତ ଅସାଧୁ ମାଲିକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରାଯାଇଛି। ଏଥି ପୂର୍ବରୁ ବହୁବାର ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ତରଫରୁ ଅଣ୍ଡର ଲୋଡ଼ିଂ ପାଇଁ ଉଦ୍ୟମ କରାଯାଉଥିଲେ ମଧ ତାହା ସଫଳ ହୋଇପାରି ନଥିଲା। ଫଳରେ ଟ୍ରକ୍ ପରିବହନ କରୁଥିବା ମାଲିକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଚଣ୍ଡିଖୋଲ ଓ ଧର୍ମଶାଳା ଟ୍ରକମାଲିକମାନେ ଗାଡ଼ିର କ୍ଷମତା ଅନୁଯାୟୀ ମାଲ ପରିବହନ କରୁଥିଲା ବେଳେ ପ୍ରଢ଼ୋଶୀ ଢେଙ୍କାନାଳ ଜିଲ୍ଲାର ଟ୍ରକ୍ ମାଲିକମାନେ ନିର୍ଦ୍ଧାରିତ ଠାରୁ ଅଧିକ ପରିମାଣର ମାଲ ପରିବହନ କରୁଛନ୍ତି। ଫଳରେ ଏହି ସଂଘର ମାଲକମାନେ ଆର୍ଥିକ କ୍ଷତିର ସମ୍ମୁଖିନ ହେଉଛନ୍ତି। ମାଲ ପରିବହନରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ଯଦି ବିହୀତ ପଦକ୍ଷେପ ଗ୍ରହଣ ନକରନ୍ତି। ତେବେ ମହାବିନାୟକ ଲଘୁ ଖଣିଜ ପରିବହନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଆଜିର ବୈଠକରେ ନିଷ୍ପତି ହୋଇଛି। ଏଥି ସହିତ ଟ୍ରକ୍ ଚାଳକମାନଙ୍କ ଧନ ଜୀବନ ସୁରକ୍ଷା ଓ ନିଜର ଜୀବନ ଜୀବିକା ପାଇଁ ତଥା ପରିବାର ପ୍ରତିପୋଷଣ ପାଇଁ ପାଇଥିବା ରାଇସେନସଟିକୁ ବାତିଲ କରିବା ଭଳି କାର୍ଯ୍ୟ ନକରିବାକୁ ସଂଘ ପକ୍ଷରୁ ଟ୍ରକ୍ ଚାଳକମାନଙ୍କୁ ଅନୁରୋଧ କରାଯାଇଛି। ଏହି ଆଲୋଚନାରେ ସଂଘର ସମ୍ପାଦକ ଅମିତ୍ କୁମାର ସାହୁ, ଉପଦେଷ୍ଟା ଚନ୍ଦନ କୁମାର ନାୟକ, ପ୍ରମୋଦ କୁମାର ନାୟକ, ବିନୋଦ କୁମାର ନାୟକ, ସହ ସମ୍ପାଦକ ମହେନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ସତ୍ୟନାରାୟଣ ପାଲ, କୋଷାଧ୍ୟକ୍ଷ ରଜନୀକାନ୍ତ କର, ମୁଖପାତ୍ର ପ୍ରଭାତ କୁମାର ରାଉତ, ସରୋଜ କୁମାର ଧିର, ପରିଚାଳନା କମିଟି ସଭ୍ୟ ସନା ବାବୁ, ରତିକାନ୍ତ ଜେନା, ଅଶୋକ ପରିଡ଼ା, ପ୍ରମୋଦ କବି, ସନ୍ତୋଷ ପୃଷ୍ଟି, ପ୍ରଦୀପ ବେହେରା, ସୁଧାଂଶୁ ଶେଖର ସାହୁ, ସୁଧାଂଶୁ ଶେଖର ଜେନା, ମଜୁବୁର ରହେମାନ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ଡ.ଦିଲ୍ଲୀପ କୁମାର ଦାଶ ଅବସର ଗ୍ରହଣ କରିଛନ୍ତି । ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରଦୀପ କୁମାର ଧଳଙ୍କୁ ଡ. ଦାଶ ଆନୁଷ୍ଠାନିକ ଭାବେ ଅଧ୍ୟକ୍ଷ ଦାୟୀତ୍ୱ ପ୍ରଦାନ କରିଛନ୍ତି । ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ବୃନ୍ଦଙ୍କ ଉପସ୍ଥିତିରେ ଶ୍ରୀଯୁକ୍ତ ପ୍ରଦୀପ କୁମାର ଧଳ ଅଧ୍ୟକ୍ଷ ଦାୟୀତ୍ୱ ଗ୍ରହଣ କରିଛନ୍ତି । ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା, ମହାବିଦ୍ୟାଳୟର ଉନ୍ନତି ସାଧନ, ପାଠପଢା ପ୍ରତି ଉପଯୁକ୍ତ ଧ୍ୟାନ, ଛାତ୍ରଛାତ୍ରୀ ମାନଙ୍କ ପାଇଁ ନୂତନ ହଷ୍ଟେଲ ନିର୍ମାଣ, ସର୍ବୋପରି ଆନନ୍ଦପୁର ମହାବିଦ୍ୟାଳୟର ସୁନାମ ଗୌରବକୁ ଅକ୍ଷୁର୍ଣ୍ଣ ରଖିବା, ବିଭାଗୀୟ ସ୍ତରରେ ଏହି ମହାବିଦ୍ୟାଳୟକୁ ଗୌରବ ମଣ୍ଡିତ କରିବା ପାଇଁ ସମସ୍ତ ଉଦ୍ୟମ କରିବେ ବୋଲି ଦାୟିତ୍ୱ ଗ୍ରହଣ ବେଳେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ପାରାଦୀପ ମହାବିଦ୍ୟାଳୟ ଏନସିସି ଓ ରୋଟାରୀ କ୍ଲବ ପକ୍ଷରୁ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା




ପାରାଦୀପ,(ପି.ଏନ): ପାରାଦୀପ ମହାବିଦ୍ୟାଳୟର ନାଭାଲ ଉଇଙ୍ଗ ଏନସିସି ଓ ରୋଟାରୀ କ୍ଲବ ମିଳିତ ଆନୁକୁଲ୍ୟରେ ଏକ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ଶନିବାର ଦିନ ଆୟୋଜିତ ଯୋଇଯାଇଛି । ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସସ୍ମିତା ଶତପଥୀ ଏହି ରାଲିକୁ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏନସିସି କ୍ୟାଡେଟ୍ ମାନେ ପ୍ଲାକାର୍ଡ, ବ୍ୟାନର ସହ ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଶ୍ଲୋଗାନ ଦେଇ ବନ୍ଦର ସହର ପରିକ୍ରମା କରିଥିଲେ । ଏନସିସି ଅଧିକାରୀ ଲେଫ୍ଟନାଂଟ କମାଣ୍ଡର ଅକ୍ଷୟ ମିଶ୍ରଙ୍କ ନେତୃତ୍ୱରେ ଏହି ରାଲି କରାଯାଇଥିଲା । ରୋଟାରୀ କ୍ଲବ ସଭାପତି ଇଂ ଦୀପକ ଷଡଙ୍ଗୀ, ସଂପାଦକ ପ୍ରଫେସର ଗଣେଶ୍ୱର ପାତ୍ର, ରୋଟାରୀ ସଭ୍ୟ କୈଳାସ ଚନ୍ଦ୍ର ମହାରଣା, ପ୍ରଶାନ୍ତ ମହାପାତ୍ର ଓ କ୍ଲବର ଅନ୍ୟାନ୍ୟ ସଦସ୍ୟ ମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରି କ୍ୟାଡେଟ୍ ମାନଙ୍କୁ ଉତ୍ସାହିତ କରିଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ଡ. ଦିଲ୍ଲୀପ କୁମାର ଦାଶଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ଡ. ଦିଲ୍ଲୀପ କୁମାର ଦାଶଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଷ୍ଟାଫ୍ ଆସୋସିଏସନ୍ର ସଭାପତି ପ୍ରାଧ୍ୟାପକ ପ୍ରଦୀପ କୁମାର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇାଯାଇଛି। ସର୍ବ ପ୍ରଥମେ ଆସୋସିଏସନ୍ର ସମ୍ପାଦିକା ଡ. କମଳିନୀ ପାଣିଗ୍ରାହୀ ଡ. ଦାଶଙ୍କ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅଧ୍ୟକ୍ଷଙ୍କ ସମୟରେ ମହାବିଦ୍ୟାଳୟର ବହୁବିଧ ଉନ୍ନତି ହୋଇଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଫ୍ଲଙ୍କଳ, ଫାଟକ ସଂଲଗ୍ନ ପାଚେରୀ, ବିଜ୍ଞାନଗାର ଏବଂ ଗ୍ରନ୍ଥାଗାରର ଉଦ୍‌ଘାଟନ, ଗ୍ରନ୍ଥାଗାନ ସଂଲଗ୍ନ ପାର୍କିଂ ଏରିଆ, ବୁଦ୍ଧ ଉଦ୍ୟାନ, ମହାପୁରୁଷ ମଧୁସୂଦନ, ବିଜୁବାବୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଅନାବରଣ, ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଅନାବରଣ, ବିଜ୍ଞାନ ବିଭାଗ ପରିସରରେ ଗ୍ରାଡିଂ,ପିଏସ୍‌ଏଲ୍‌ଭି ରକେଟ୍ ମଡେଲ ଉଦ୍‌ଘାଟନ, ଆଲୋକମାଳା, ମହାବିଦ୍ୟାଳୟର କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ତୋରଣ, ହଷ୍ଟେଲ ଏବଂ ପରିସରରେ ସିସି କ୍ୟାମେରା ଲଗାଇବା ଆଦି ବହୁବିଧ ଉନ୍ନତି ସହିତ ଷ୍ଟାଫ୍ ମାନଙ୍କର ଦରମା ବୃଦ୍ଧି ମଧ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଏଲଭିପିଇଆଇ-ଇନ୍‌ଫୋସିସ୍ ସହରାଂଚଳ ବସ୍ତିବାସିନ୍ଦାଙ୍କ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି




ଭୁବନେଶ୍ୱର,(ପି.ଏନ): ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏଲ ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟର ମିଥୁ ତୁଳସୀ ଚନରାଇ କ୍ୟାମ୍ପସରେ ସହରାଂଚଳ ବସ୍ତିବାସିନ୍ଦାଙ୍କ ଚକ୍ଷୁ ପରୀକ୍ଷା ଏବଂ ହୋମକେୟାର ସେବାର ଶୁଭାରମ୍ଭ କରିଛନ୍ତି । ଇନଫୋସିସ୍ ଫାଉଣ୍ଡେସନର ସହଯୋଗରେ ସହରାଂଚଳ ବସ୍ତିବାସିନ୍ଦାଙ୍କ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏଲ ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ, ଦୃଷ୍ଟିହୀନତାର ନିବାରଣ ପାଇଁ କେନ୍ଦ୍ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଯୋଗରେ ପରିଚାଳିତ ଏକ କେନ୍ଦ୍ର, ଏହା ଚକ୍ଷୁ ସେବା ଆବଶ୍ୟକ କରୁଥିବା ସମସ୍ତଙ୍କୁ ଉତ୍କୃଷ୍ଟ ଏବଂ ଉଚିତ ଚକ୍ଷୁ ଯତ୍ନ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ ଏବଂ ସମ୍ଭବପର ଦୃଷ୍ଟିହୀନତା ଦୂର କରିବା ଦିଗରେ କାର୍ଯ୍ୟ କରୁଛି । ଉତମ ଦୃଷ୍ଟିଶକ୍ତି ଜଣେ ବ୍ୟକ୍ତିଙ୍କୁ ଅର୍ଥପୂର୍ଣ୍ଣ ଏବଂ ସଫଳ ଜୀବନ ପ୍ରଦାନ କରିଥାଏ । ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତଙ୍କ ପାଇଁ ସାର୍ବଜନୀନ ଚକ୍ଷୁ ସୁରକ୍ଷା ସୁନିଶ୍ଚିତ କରିବା ଏକ ପ୍ରମୁଖ ଉଦ୍ଦେଶ୍ୟ ଅଟେ । ସହରାଂଚଳ ବସ୍ତିବାସିନ୍ଦାଙ୍କ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଏବଂ ହୋମକେୟାର ପ୍ରୋଗ୍ରାମ ହେଉଛି ସାର୍ବଜନୀନ ଚକ୍ଷୁ ସୁରକ୍ଷାକୁ ଦୃଢ଼ କରିବା ଏବଂ ଗୁଣାତ୍ମ ଚକ୍ଷୁ ଯତ୍ନ ସେବାକୁ ସୁଲଭ ଓ ସମସ୍ତଙ୍କ ପାଖରେ ପହଂଚାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସହରାଂଚଳ ବସ୍ତିବାସିନ୍ଦାଙ୍କ ଚକ୍ଷୁ ପରୀକ୍ଷା ଏବଂ ହୋମକେୟାର କାର୍ଯ୍ୟକ୍ରମ ଆରମ୍ଭ କରିଥିବାରୁ ଆମେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛୁ । ଭୁବାନେଶ୍ୱରବାସୀଙ୍କୁ ସେମାନଙ୍କ ଘରପାଖରେ ପ୍ରାଥମିକ ଚକ୍ଷୁ ଯତ୍ନ ଏବଂ ବିଶେଷ ସେବା ପ୍ରଦାନ ସହିତ ଉଭୟ କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଉଚ୍ଚମାନର ଚକ୍ଷୁ ଯତ୍ନ ସେବା ଉପଲବ୍ଧ କରାଇବାରେ ଏକ ଅବିଚ୍ଛେଦ୍ୟ ଭୂମିକା ଗ୍ରହଣ କରିବ । ହୋମକେୟାର ଅସୁରକ୍ଷିତ ବ୍ୟକ୍ତି- ବୃଦ୍ଧ, ମହିଳା, ଶିଶୁ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନିକଟରେ ପହଂଚିବା ପାଇଁ ଧ୍ୟାନ ଦେବ । ସହରାଂଚଳ ବସ୍ତିବାସିନ୍ଦାଙ୍କ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ପାଇଁ ଉଦାର ସମର୍ଥନ ନିମନ୍ତେ ଇନ୍‌ଫୋସିସ୍ ଫାଉଣ୍ଡେସନକୁ ଆମର ଆନ୍ତରିକ ଧନ୍ୟବାଦ ବୋଲି ଏଲ ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟର ଅପରେସନ୍ ନିର୍ଦ୍ଦେଶକ ଡକ୍ଟର ସୂର୍ଯ୍ୟସ୍ମାତା ରଥ କହିଛନ୍ତି । 'ଏହାପରେ ଆମେ ଭୁବନେଶ୍‌ବର ଏବଂ ଏହାର ଆଖପାଖ ଅନ୍ୟ ସ୍ଥାନରେ ଏହି ସେବାଗୁଡିକୁ ପହଅଂଚାଇବାର ଯୋଜନା ରଖିଛୁ । ଏହାର ଉଦ୍ଦେଶ୍ୟ ହେଉଛି ଚକ୍ଷୁ ଯତ୍ନ ଆବଶ୍ୟକତା କରୁଥିବା କୌଣସି ବ୍ୟକ୍ତି ଚକ୍ଷୁ ଯତ୍ନ ଆବଶ୍ୟକତା କରୁଥିବା କୌଣସି ବ୍ୟକ୍ତି ଚକ୍ଷୁ ଯତ୍ନ ସେବାର ଉପଲବ୍ଧତା ବିନା କିମ୍ବା ସୁଲଭ ଚକ୍ଷୁ ସେବା ଅଭାବରୁ ବଂଚିତ ନହେବା ସୁନିଶ୍ଚିତ କରିବା' ବୋଲି ଏଲ ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ, ଭୁବନେଶ୍ୱର, ମିଥୁ ତୁଳସୀ ଚନରାଇ କ୍ୟାମ୍ପସର କ୍ୟାମ୍ପସ୍ ହେଡ୍ ଡକ୍ଟର ଶ୍ରୀକାନ୍ତ କୁମାର ସାହୁ କହିଛନ୍ତି ।

## ପାରାଦୀପ ବଣିକ ସଂଘ ଦ୍ୱାରା ମହାଆଡମ୍ବର ସହକାରେ ଦୁର୍ଗାପୂଜା ଆରମ୍ଭ



ପାରାଦୀପ,(ପି.ଏନ): ପ୍ରତିବର୍ଷ ପାରାଦୀପ ବଣିକ ସଂଘ ଦ୍ୱାରା ବଡପଡିଆ ସ୍ଥିତ ଦୁର୍ଗା ମଣ୍ଡପରେ ମା ଦୁର୍ଗାଙ୍କର ପୂଜା ଉତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଥାଏ। କିନ୍ତୁ ଦୀର୍ଘ ବର୍ଷ ଲାଗି ରହିଥିବା କୋଭିଡ କଟକଣା ପାଇଁ ଏହି ପୂଗା ସିମିତ ଆକାରରେ ଆୟୋଜିତ ହେଉଥିଲା। ତେବେ କଟକଣା କୋହଳ ହେବାପରେ ପୂର୍ବ ପରି ବଣିକ ସଂଘ ସଭାପତି ସନ୍ତୋଷ ପଟ୍ଟନାୟକଙ୍କ ନେତୃତ୍ୱରେ ଚଳିତ ଦୁର୍ଗା ପୂଜା ପାଳନ ହେବାକୁ ଯାଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ବିଭିନ୍ନ କାରଣ ବସତଃ ବଣିକ ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଓ ଚର୍ଚ୍ଚିତ ନେତା ବାପି ସର୍ଖେଲଙ୍କ ସମର୍ଥକଙ୍କ ମଧ୍ୟରେ ବଣିକ ସଂଘରେ ଦୀର୍ଘ ଦିନ ହେବ ବିବାଦ ଲାଗି ରହିଥିଲା। କିନ୍ତୁ ଇତିମଧ୍ୟରେ ଉଭୟ ନେତାଙ୍କ ଉଦ୍ୟମରେ ସମସ୍ୟାର ସମାଧାନ ହୋଇଯାଇଥିବାରୁ ଚଳିତ ପୂଜା ମହାଆଡମ୍ବର ସହକାରେ ପାଳନ ହେବାକୁ ଯାଉଥିବା ଜଣାପଡିଛି । ଏଥର ପୂଜାରେ ସୁଦୀର୍ଘ ଆଲୋକ ସଜ୍ଜା ଓ ତୋରଣ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟୟରେ ପହଁଚିଥିବା ବେଳେ ଜନସାଧାରଣଙ୍କ ମନୋରନ ପାଇଁ ବମ୍ବେ ଓ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଏବଂ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟସଂଗିତ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏତଦବ୍ୟତିତ ବଣିକ ସଂଘ ପକ୍ଷରୁ ସର୍ବସାଧାରଣଙ୍କ ପାଇଁ ଦୁଇ ଦିନ ପ୍ରସାଦ ସେବନର ବ୍ୟବସ୍ଥା ସଂଘ ସଭାପତି ଶ୍ରୀ ପଟ୍ଟନାୟକ ଜଣାଇଛନ୍ତି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray